ବର୍ଷ-୨୫, ସଂଖ୍ୟା-୪୬
ଭୁବନେଶ୍ୱର
୧୬, ଫେବୃଆରୀ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 46
Bhubaneswar
16 February, 2025, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ହଟ୍ଟଗୋଳ ଯୋଗୁ ଚାଲିପାରିଲାନି ପ୍ରଶ୍ନକାଳ

## ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ବିଜେଡି ବିଧାୟକ ଗୃହ ଅଚଳ କରୁଛନ୍ତି : ଜୟନାରାୟଣ

**ଭୁବନେଶ୍ୱର,୧୫।୨(ମହାଭାରତ):** ଆଜି ମଧ ବିଧାନସଭାର ପ୍ରଥମାର୍ଦ୍ଧ ବୈଠକରେ ଅଚଳାବସ୍ଥା ଦେଖା ଦେଇଥିଲା। ଧାନ ସଂଗ୍ରହରେ ଅବ୍ୟବସ୍ଥାକୁ ନେଇ ସରକାରଙ୍କୁ ମୁଖ୍ୟ ବିରୋଧୀ ଦଳ ବିଜେଡିର ବିଧାୟକ ମାନା ହଟ୍ଟଗୋଳ କରିଥିଲେ। କଂଗ୍ରେସ ବିଧାୟକ ମାନେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଗର୍ଜିଥିଲେ। ଉଭୟ ଦଳର ବିଧାୟକଙ୍କ ହୋହଲ୍ଲା କାରଣରୁ ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ହୋଇପାରି ନଥିଲା। ଏହି କାରଣରୁ ଆଜି ଗୃହରେ ପ୍ରଶ୍ନକାଳ ଚାଲି ପାରି ନ ଥିଲା। ଆଜି ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମାର୍ଦ୍ଧ ବୈଠକ ସକାଳ ୧୦.୩୦ରେ ଆରମ୍ଭ ହୋଇଥିଲା। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପ୍ରଶ୍ନକାଳରେ ବିଜେଡି ସଭ୍ୟମାନେ ମଧ ଚାଷୀଙ୍କୁ ନ୍ୟାୟ ପ୍ରଦାନ ଦାବି କରି ଗୃହ ମଧ ଭାଗକୁ ମାଡ଼ି ଆସିଲେ। କଟ୍‌ନି ଛଟ୍‌ନି ବନ୍ଦ କରିବା ଆମର ଦାବି, ସରକାର-ମିଲର ମଧୁଚନ୍ଦ୍ରିକା ଚଳିବ ନାହିଁ ବୋଲି ନାରାବାଜି କରିବାର ଦେଖିବାକୁ ମିଳିଥିଲା। ସେହିପରି କଂଗ୍ରେସ ସଭ୍ୟମାନେ ଗୃହ ମଧ ଭାଗକୁ ମାଡ଼ି ଆସିଲେ। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି ବୋଲି ଅଭିଯୋଗ କରି ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ବାଚସ୍ପତି ସଭ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିବାକୁ ଅନୁରୋଧ କରିଥିଲେ ବି ସେମାନେ ଶୁଣି ନଥିଲେ। ଗୃହରେ ସ୍ଥିତି ସ୍ୱାଭାବିକ ନହେବାରୁ ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଲେ।



ଚାଷୀ ମାନଙ୍କ ସମସ୍ୟାକୁ ନେଇ ମୁଖ୍ୟ ବିରୋଧୀ ଦଳ ବିଜେଡି ବିଧାୟକ ମାନଙ୍କ ଦ୍ୱାରା ହଟ୍ଟଗୋଳ କରାଯିବାକୁ ନେଇ ଟାର୍ଗେଟ କରିଛନ୍ତି ଶାସକ ଦଳର ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର । ଶ୍ରୀ ମିଶ୍ର ଆଜି ବିଧାନସଭାରେ କହିଥିଲେ ଯେ, ଗତ କାଲି ମୁଖ୍ୟ ବିରୋଧୀ ଦଳ ଗୋଟାଏ ମୁଲତବୀ ପ୍ରସ୍ତାବ ଆଣିଥିଲେ। ଏହା ଚାଷୀଙ୍କ ସମସ୍ୟା ସମ୍ପର୍କିତ ଥିଲା। ଶାସକ ଦଳ ଓ ସରକାର ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଥିଲେ। ସରକାର ଆଲୋଚନା କରିବାକୁ ପ୍ରସ୍ତୁତ ଥିବା ସତ୍ତ୍ୱେ ବିରୋଧୀ ବିଜେଡି ଦଳର ବିଧାୟକ ମାନେ ହଟ୍ଟଗୋଳ କରି ଗୃହ ଚଳାଇ ଦେଲେ ନାହିଁ। ସେ ପ୍ରଶ୍ନ କରିଥିଲେ ଯେ, କାହିଁକି ଗୃହକୁ ବିରୋଧୀ ଚଳାଇଦେଲେ ନାହିଁ। କାହିଁକି ମୂଲ୍ୟବାନ ସମୟ ନଷ୍ଟ କରାଗଲା। ଲବିରେ ମୁଁ ଆଲୋଚନା କରୁଥିଲି ବିଜେଡି ଦଳର ସଦସ୍ୟ କହିଲେ ପଣ୍ଡିଆନ କହିଲେ ବୋଲି ଆମେ ଗୃହ ବନ୍ଦ କଲୁ। ଶ୍ରୀ ମିଶ୍ର କହିଥିଲେ ଯେ, ଟେଂଟ ବନ୍ଧା, ଦରି ବୁହା ଲୋକ ଏ ମାନେ ଗୃହକୁ ଆସିଛନ୍ତି। ସେମାନେ ଜନସାଧାରଣଙ୍କ କଥା ଉଠାଇବାକୁ ଆସି ନାହାନ୍ତି। କେଉଁ ହିସାବରେ ଏ ଗୃହକୁ ଏମାନେ ବନ୍ଦ କଲେ। ବିଜେଡି ସଦସ୍ୟ ମାନେ କ୍ଷମା ପ୍ରାର୍ଥନା କରିବା କଥା। କିଏ ଏମାନଙ୍କ ମଧ୍ୟରୁ ପଣ୍ଡିଆନଙ୍କର ଏକ ନମ୍ବର୍ ଚାମଚା ହେବ ସେ ପ୍ରତିଯୋଗିତାରେ ଏମାନେ ଅଛନ୍ତି। ଏମାନଙ୍କର ଦୋହରା ନୀତିକୁ ଓଡ଼ିଶାର ଲୋକେ ନିନ୍ଦା କରୁଛନ୍ତି ବୋଲି ସେ କହିଥିଲେ। ବିଧାନସଭାରେ ଶାସକ ଦଳର ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର ଚାଷୀଙ୍କ ସମସ୍ୟାକୁ ନେଇ ଗୃହ ବନ୍ଦ କରାଯିବାକୁ ନେଇ ବିଜେଡି ବିଧାୟକଙ୍କୁ ଘେରିବା ବେଳେ ପାଣ୍ଡିଆନଙ୍କ କଥାରେ ଗୃହ ବନ୍ଦ କରାଯାଉଥିବା ବିଷୟ କହିବା ମାତ୍ରେ ବିଜେଡି ବିଧାୟକ ମାନଙ୍କ ମଧ୍ୟରେ ପ୍ରବଳ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ଜୟନାରାୟଣଙ୍କ ବକ୍ତବ୍ୟ ସମୟରେ ମଧ ବିଜେଡି ବିଧାୟକ ମାନେ ଏହାର ପ୍ରତିବାଦ କରିବା ଦେଖିବାକୁ ମିଳିଥିଲା । ପରେ ଶ୍ରୀ ମିଶ୍ର କହି ସାରିବା ପରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଜଣେ ବରିଷ୍ଠ ବିଧାୟକ କାହିଁକି ଏଭଳି ମିଛ ପ୍ରତିକ୍ରିୟା ଦେଉଛନ୍ତି। ଯିଏ ଗୃହରେ ସଦସ୍ୟ ନାହାନ୍ତି ତାଙ୍କ କଥା ଉଠେଇବାର ମାନେ କଣ। ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଯିଏ ଗୃହର ସଦସ୍ୟ ନାହାନ୍ତି ତାଙ୍କ ନାମକୁ ଉଲ୍ଲେଖ କରାଯାଇ ପାରିବ ନାହିଁ । ତେଣୁ ଏହାକୁ ବିବରଣୀରୁ ବାଦ ଦେବାକୁ ଶ୍ରୀମତୀ ମଲ୍ଲିକ ଦାବି କରିବା ସହ ଏଥି ପାଇଁ ବାଚସ୍ପତିଙ୍କ ଠାରୁ ରୁଲିଂ ଦାବି କରିଥିଲେ।

# ବନ୍ଦ ଘରୁ ୩ ମୃତଦେହ ଉଦ୍ଧାର



**ଢେଙ୍କାନାଳ,୧୫।୨(ମହାଭାରତ):** ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଚାଉଳିଆ ଖମାର ଗାଁରେ ଘଟିଥିବା ଅଭାବନୀୟ ଘଟଣା ଅଂଚଳବାସୀଙ୍କୁ ଏକପ୍ରକାର ସ୍ତବ୍ଧ କରିଦେଇଛି। ଚାଉଳିଆ ଖମାର ଗାଁର ଏକ ବନ୍ଦ ଘରୁ ଝୁଲନ୍ତା ଅବସ୍ଥାରେ ୩ ଗଳିତ ମୃତଦେହ ପୋଲିସ୍ ଉଦ୍ଧାର କରିଥିବା ବେଳେ ଆଖପାଖ ଅଂଚଳରେ ଘଟଣାଟି ଚାଂଚଲ୍ୟ ଖେଳାଇ ଦେଇଛି। ମୃତକମାନଙ୍କ ମଧ୍ୟରେ ଗୋଟିଏ ପରିବାରର ଜଣେ ୭୦ବର୍ଷୀୟ ବାପା ଶଙ୍କର୍ଷଣ ଦାସ, ୪୦ବର୍ଷୀୟ ତାଙ୍କ ଝିଅ ସୁବର୍ଣ୍ଣ ଦାସ ଓ +୨ ପଢୁଥିବା ନାତି ସନ୍ତୋଷ କୁମାର ଦାସ ବୋଲି ଜଣାପଡିଛି। ଖବର ନେବାରୁ ଜଣାଯାଏ ଯେ, ଗତ ଶନିବାର ଅପରାହ୍ନରେ ସଦର ପୋଲିସ୍ ଚାଉଳିଆ ଖମାର ଗାଁରେ ପହଂଚି ଗୋଟିଏ ବନ୍ଦ ଥିବା ଘରୁ ବାପା, ଅନ୍ୟ ଗୋଟିଏ ଘରୁ ଝିଅ ଓ ନାତିଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲେ। ମୃତ ୩ଜଣ ଗତ ୩ଦିନ ହେଲା ମରିଥିବା ଶଙ୍କର୍ଷଣଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ଢେଙ୍କାନାଳ ଭଗବାନପୁରରେ ରହୁଥିବା ପୁଅକୁ ଜଣାଇବା ପରେ ଘଟଣା ପଦାକୁ ଆସିଥିଲା। ଏନେଇ ପୁଷ୍ପାଞ୍ଜଳି ଗତ ଶୁକ୍ରବାର ଗ୍ରାମର ଜଣେ, ଦୁଇଜଣଙ୍କୁ ଅବଗତ କରିଥିବା ବେଳେ ତାଙ୍କ କଥାକୁ କେହି ବିଶ୍ୱାସ କରିନଥିଲେ। ଶନିବାର ପୁଷ୍ପାଞ୍ଜଳି ତାଙ୍କ ପୁଅକୁ ଘଟଣା ସଂପର୍କରେ ଅବଗତ କରିବା ପରେ ଘର ଝରକା ପଟରୁ ଦୁର୍ଗନ୍ଧ ବାହାରିବା ସହ ମାଛି ଭଣ ଭଣ ହେଉଥିବା ନେଇ ଘଟଣା ସ୍ପଷ୍ଟ ହୋଇଥିଲା। ଘଟଣା ସଂପର୍କରେ ପୂର୍ବରୁ ଗ୍ରାମବାସୀଙ୍କ ପାଖରେ କୌଣସି ଖବର ନଥିଲା। ହେଲେ ପୁଷ୍ପାଞ୍ଜଳି ସବୁ ଦେଖି, ଜାଣିଶୁଣି ଦୁଇଦିନ ହେଲା ଚୁପ୍ ରହିବା ପରେ ଗତ ଶୁକ୍ରବାର ଗାଁ ଲୋକଙ୍କୁ କହିଥିଲେ।

# ରାଜ୍ୟରେ ଥମୁନି ବାଲ୍ୟବିବାହ

**ଭୁବନେଶ୍ୱର,୧୫।୨(ମହାଭାରତ):** ରାଜ୍ୟର ୨୧,୪୮୬ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ସେହିପରି ରାଜ୍ୟର ୩୧ ହଜାର ୪୫୬ ଅଙ୍ଗନବାଡ଼ି କେନ୍ଦ୍ରରେ ନାହିଁ ବିଦ୍ୟୁତ ସଂଯୋଗ। ବିଜେଡ଼ି ବିଧାୟକଙ୍କ ଏକ ପ୍ରଶ୍ନରେ ଏନେଇ ବିଧାନସଭାରେ ଉତ୍ତର ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଲିଖିତ ଉତ୍ତର ରଖିଛନ୍ତି। ଶ୍ରୀମତୀ ପରିଡା କହିଛନ୍ତି ରାଜ୍ୟରେ ମୋଟ ୭୪ ହଜାର ୧୯୨ ଅଙ୍ଗନବାଡ଼ି କେନ୍ଦ୍ର ରହିଥିବା ବେଳେ ୪୭ ହଜାର ୭୩୭ ଅଙ୍ଗନବାଡ଼ି କେନ୍ଦ୍ରରେ ନାହିଁ ପାଚେରୀ।



ଶ୍ରୀମତୀ ପରିଡା କହିଛନ୍ତି ଗତ ୬ ବର୍ଷରେ ରାଜ୍ୟରେ ୮ ହଜାର ୧୫୯ଟି ବାଲ୍ୟବିବାହ ହୋଇଛି। ଏହି ଅବଧିରେ ନବରଙ୍ଗପୁରରେ ସର୍ବାଧିକ ୧୩୪୭ଟି ବାଲ୍ୟବିବାହ ହୋଇଛି। ତାଲିକାର ଦ୍ୱିତୀୟରେ ଥିବା ଗଞ୍ଜାମରେ ୯୬୬ଟି ଏବଂ କୋରାପୁଟରେ ୬୩୬ଟି ବାଲ୍ୟବିବାହ ହୋଇଛି। ଏସବୁ ବାଦ୍ ଗତ ୬ ବର୍ଷରେ ବିଭିନ୍ନ ସ୍ଥାନରୁ ୩୨୮ ଜଣ ଶିଶୁ ଉଦ୍ଧାର ହୋଇଛନ୍ତି।

ବାଲ୍ୟବିବାହରେ ରୋକ ଲଗାଇବାକୁ ସରକାର ନେଉଛନ୍ତି ବିଭିନ୍ନ ପଦକ୍ଷେପ। ବାଲ୍ୟବିବାହ ନିରୋଧ ଅଧିନିୟମ, ୨୦୦୬ ଲାଗୁ କରାଯାଇଛି। ବ୍ଲକସ୍ତରରେ, ଅଙ୍ଗନବାଡି ସ୍ତରରେ ସଚେତନତା କାର୍ୟ୍ୟକ୍ରମ ମାନ ହାତକୁ ନିଆଯାଉଛି। ପ୍ରତି ୩ ମାସରେ ବ୍ଲକ, ଗ୍ରାମ ପଞ୍ଚାୟତଗୁଡ଼ିକରେ ହେଉଛି ସଚେତନତା ସଭା। ସେହିପରି ପ୍ରତି ୬ମାସରେ ରାଜ୍ୟସ୍ତରରେ ପିସିଏମଏ କମିଟି ବୈଠକ ମଧ ଅନୁଷ୍ଠିତ କରାଯାଉଛି। ଏସବୁ ସତ୍ତ୍ୱେ ବାଲ୍ୟ ବିବାହ ଭଳି ଅପରାଧରେ ଲାଗୁନି ରୋକ।

# ଲକ୍ଷପତି ଦିଦି ଯୋଜନା ଘୋଷଣା ପରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ଭୁବନେଶ୍ୱର,୧୫।୨(ମହାଭାରତ):** ରାଜ୍ୟର ମହିଳାଙ୍କର ଆର୍ଥିକ ଅଭିବୃଦ୍ଧି କରାଇବା ଲକ୍ଷ୍ୟ ନେଇ "ଲକ୍ଷପତି ଦିଦି ଯୋଜନା" କାର୍ଯ୍ୟକାରୀ ନିମନ୍ତେ ଗତକାଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବିବୃତ୍ତି ଦେବାପରେ, ଆଜି ମଧ୍ୟାହ୍ନରେ ରାଜ୍ୟର ୩୦ ଟି ଜିଲ୍ଲାର ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ମହିଳା କମ୍ୟୁନିଟି ସପୋର୍ଟ ଷ୍ଟାଫ ଭୁବନେଶ୍ୱର ସ୍ଥିତ ରାଜ୍ୟ ଅତିଥି ଭବନ ଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ମହିଳାଙ୍କୁ ନିଜ ଭଉଣୀ ଭାବେ ସମ୍ବୋଧନ କରିବା ସହିତ ରାଜ୍ୟ ସରକାର ୨୦୨୭ ମସିହା ସୁଦ୍ଧା ୨୫ ଲକ୍ଷ "ଲକ୍ଷପତି ଦିଦି" ସୃଷ୍ଟି କରିବାପାଇଁ ଲକ୍ଷ୍ୟ ରଖିଛନ୍ତି ଏବଂ ସମସ୍ତେ ନିଜେ ଲକ୍ଷ ପତି ହେବା ସହିତ ଅନ୍ୟମାନଙ୍କୁ ମଧ ଲକ୍ଷ ପତି ହେବା ପାଇଁ ସାହାଯ୍ୟ କରନ୍ତୁ ବୋଲି କହିଥିଲେ।



ସେ ଆହୁରି କହିଥିଲେ ଲକ୍ଷ୍ୟପତି ଦିଦି ଯୋଜନା ହେଉଛି ଆମ ପ୍ରଧାନମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ସ୍ୱପ୍ନ। ଆପଣ ସମସ୍ତଙ୍କ ଉଦ୍ୟମରେ ପ୍ରଧାନମନ୍ତ୍ରୀଙ୍କର ଏହି ଲକ୍ଷ୍ୟ ପୂରଣ ହେବ। ସୁଭଦ୍ରା ଯୋଜନାରେ ମିଳୁଥିବା ସହାୟତା ରାଶିକୁ ବିଭିନ୍ନ ବ୍ୟବସାୟରେ ବିନିଯୋଗ କରି ଘରର ରୋଜଗାର ବଢାଇବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଗଣମାଧ୍ୟମକୁ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଗତ ସରକାର ମହିଳା ସଶକ୍ତିକରଣ ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫ ନିଯୁକ୍ତ କରିଥିଲେ। କେବଳ ନିଯୁକ୍ତି ଦେଇଦେଲେ ତ ହବନି, ସେମାନଙ୍କ ପାରିଶ୍ରମିକ ମଧ ସେମାନଙ୍କୁ ଦେବା ଦରକାର ଥିଲା। ଗତ ସରକାର ସେମାନଙ୍କୁ ଅଣଦେଖା କରିଥିଲେ ଏବଂ ଗତ ୧୦ ମାସ ହେଲାଣି ଏହି କମ୍ୟୁନିଟି ସପୋର୍ଟ ଷ୍ଟାଫ ପାରିଶ୍ରମିକ ପାଇ ନାହାନ୍ତି । ଆମ ସରକାର କ୍ଷମତାକୁ ଆସିବା ପରେ, ଏହାକୁ ଗୁରୁତ୍ୱର ସହ ନେଇ ସେମାନଙ୍କ ବକେୟା ପାରିଶ୍ରମିକ ଓ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଦେଶର ସମସ୍ତ ମହିଳାଙ୍କୁ ଲକ୍ଷପତି ବନାଇବାକୁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ଆମେ ନିଶ୍ଚୟ ସଫଳ କରିବା।

ଗତକାଲି, ଓଡ଼ିଶାରେ "ଲକ୍ଷପତି ଦିଦି ସହାୟତା ଯୋଜନା" ଲାଗୁ ହେବ ବୋଲି ଘୋଷଣା ହୋଇଛି। ଏହି ଯୋଜନାରେ ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ସାମିଲ କରାଯିବ। ସେମାନଙ୍କ ବକେୟା ପାରିଶ୍ରମିକ ସହ ନିୟମିତ ପାରିଶ୍ରମିକ ପ୍ରଦାନ କରାଯିବ ଏବଂ ଜିପିଏଲଏଫ ମାନଙ୍କୁ ସୁଦୃଢ କରାଯିବ । ଲକ୍ଷପତି ଦିଦି ସହାୟତା ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ଜିପିଏଲଏଫ ଗୁଡିକ ସୁଦୃଢ ହେବେ । ପୂର୍ବରୁ ମହିଳା ମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି ବର୍ତ୍ତମାନ ଏହି ଯୋଜନା ମାଧ୍ୟମରେ ମହିଳା ମାନେ ଆର୍ଥିକ କ୍ଷେତ୍ରରେ ସଶକ୍ତ ହେବା ସହ ସମୃଦ୍ଧ ମଧ ହେବେ।

# ଆରମ୍ଭ ହେଲା ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା

**ଭୁବନେଶ୍ୱର,୧୫।୨(ମହାଭାରତ):** ଆଜିଠୁ ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଆରମ୍ଭ ହୋଇଛି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେଉଛି ପରୀକ୍ଷା। ଆଜିଠୁ ଦଶମ ଶ୍ରେଣୀ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ୧୮ ଯାଏ ଚାଲିବ। ସେହିପରି ଦ୍ୱାଦଶ ପରୀକ୍ଷା ଏପ୍ରିଲ ୪ ଯାଏ ଚାଲିବ। ଦେଶରେ ମୋଟ ୨୪ ଲକ୍ଷ ୧୨ ହଜାର ୭୨ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ପରୀକ୍ଷା ପାଇଁ ୭୮୪୨ ସେଂଟର ହୋଇଛି। ଆଜି ପ୍ରଥମ ଦିନରେ ଦଶମ ଶ୍ରେଣୀ ପରୀକ୍ଷାର୍ଥୀ ଇଂରାଜୀ ପରୀକ୍ଷା ଦେଇଥିବା ବେଳେ ଦ୍ୱାଦଶ ପରୀକ୍ଷାର୍ଥୀ ଏଂଟରପ୍ରେନରସିପ ପରୀକ୍ଷା ଦେଇଛନ୍ତି।

# ଦେଶର ଅଖଣ୍ଡ ସାଂସ୍କୃତିକ ଏକତାକୁ ଆମେ ପାଳନ କରୁଛୁ

**ଭୁବନେଶ୍ୱର,୧୫।୨(ମହାଭାରତ):** କାଶୀ ତାମିଲ ସଙ୍ଗମମ(କେଟିସ) ଦ୍ୱାରା ଆମେ ଆମ ଦେଶର ଅଖଣ୍ଡ ସାଂସ୍କୃତିକ ଏକତାକୁ ପାଳନ କରିବା ସହ "ଏକ ଭାରତ-ଶ୍ରେଷ୍ଠ ଭାରତ" ପ୍ରତି ଥିବା ଆମର ପ୍ରତିବଦ୍ଧତାକୁ ଦୋହରାଇଛୁ ବୋଲି ଶନିବାର ଉତ୍ତର ପ୍ରଦେଶର ବାରାଣାସୀରେ 'କାଶୀ ତାମିଲ ସଙ୍ଗମମ ୩.୦' ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ଡା. ଏଲ୍. ମୁରୁଗନଙ୍କ ସହ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ କାଶୀ ତାମିଲ ସଙ୍ଗମମ ହେଉଛି 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାର ପ୍ରତୀକ । କାଶୀ ତାମିଲ ସଙ୍ଗମମ ହେଉଛି ଆମର ମିଳିତ ଐତିହ୍ୟ, ବୌଦ୍ଧିକ ଦକ୍ଷତା ଏବଂ ସଭ୍ୟତାର ବନ୍ଧନର ସମାହାର । ବାବା ବିଶ୍ୱନାଥଙ୍କ ଆଶୀର୍ବାଦରେ କାଶୀ ଏବଂ ରାମନାଥ ସ୍ୱାମୀଙ୍କ ଆଶୀର୍ବାଦରେ ତାମିଲନାଡୁ ଗଢିଉଠିଛି । ଉଭୟ କାଶୀ ଏବଂ ତାମିଲନାଡୁ ଶିକ୍ଷାର ଏକ କେନ୍ଦ୍ର ଏବଂ ବିଶ୍ୱର ଦୁଇଟି ପୁରାତନ ଭାଷା ସଂସ୍କୃତ ଏବଂ ତାମିଲକୁ ଗ୍ରହଣ କରିଛନ୍ତି । ଉଭୟ କାଶୀ ଏବଂ ତାମିଲନାଡୁ ଏକ ମିଳିତ ସାଂସ୍କୃତିକ ଅନୁଷ୍ଠାନ ଭାବରେ ଭାରତର ବିଚାରକୁ ଆଗକୁ ନେଉଛନ୍ତି। ସେ ଆହୁରି କହିଛନ୍ତି ଯେ କାଶୀ ତାମିଲ ସଙ୍ଗମମ ୩.୦ ଋଷି ମହର୍ଷି ଅଗସ୍ତିଙ୍କୁ ସ୍ମରଣ କରୁଅଛି । ମହର୍ଷି ଅଗସ୍ତି କେବଳ ଜଣେ ଋଷି ନୁହଁନ୍ତି- ସେ ଭାରତର ସାଂସ୍କୃତିକ ଏକତାର ପ୍ରତୀକ ଏବଂ କାଶୀ ଓ ତାମିଲନାଡୁ ମଧ୍ୟରେ ଏକ ଅନନ୍ତ ସେତୁ । ଏହି କାର୍ଯ୍ୟକ୍ରମ କାଶୀ ଏବଂ ତାମିଲନାଡୁ ମଧ୍ୟରେ ଥିବା ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ଏବଂ ଭାରତର ଗୌରବମୟ ଐତିହ୍ୟର ଏକ ସ୍ଥାୟୀ ଐତିହ୍ୟ ସୃଷ୍ଟି କରିବ । କାଶୀ ତାମିଲ ସଙ୍ଗମମର ପରିକଳ୍ପନା କରିଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇବା ସହ କାଶୀରେ ଏହାକୁ ଆୟୋଜନ କରିଥିବାରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ କୃତଜ୍ଞତା ଜଣାଇଛନ୍ତି ।



# ମାର୍ଚ୍ଚ ୩୧ ଯାଏଁ ବଢିଲା ରାସନ କାର୍ଡ ଇ-କେଓ୍ୱାଇସି ଅବଧି

**ଭୁବନେଶ୍ୱର,୧୫।୨(ମହାଭାରତ):** ପୁଣି ରାସନ କାର୍ଡ ଇ-କେଓ୍ୱାଇସି ଅବଧି ବଢାଇଲେ ରାଜ୍ୟ ସରକାର । ମାର୍ଚ୍ଚ ୩୧ ଯାଏଁ ବଢ଼ିଲା ଇ-କେଓ୍ୱାଇସି ଅବଧି । ନେଟଓ୍ୱର୍କ ସମସ୍ୟା ଥିବାରୁ ଅନେକ ସ୍ଥାନରେ ଇ-କେଓ୍ୱାଇସି କହିପାରୁନାହାନ୍ତି ହିତାଧିକାରୀ । ତେଣୁ ଇ-କେଓ୍ୱାଇସି ଅବଧି ବୃଦ୍ଧି କରାଗଲା ବୋଲି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ । ସରକାର ପକ୍ଷରୁ ଫେବ୍ରୁଆରୀ ୧୫ ଶେଷ ତାରିଖ ରଖାଯାଇଥିଲା । କିନ୍ତୁ ୩୪୧ ରାସନ ବିତରଣ କେନ୍ଦ୍ରରେ ନେଟଓ୍ୱର୍କ ସମସ୍ୟା ଥିବାରୁ ଇ-କେଓ୍ୱାଇସି ହୋଇପାରିନାହିଁ । ୨୩୦ କେନ୍ଦ୍ରରେ ନୋ ନେଟଓ୍ୱର୍କ ଏବଂ ୧୧୧ ଟି ପଏଂଟରେ ନେଟଓ୍ୱର୍କ ସ୍ଲୋ ହେଉଛି । ତେଣୁ ହିତାଧିକାରୀ ଇ-କେଓ୍ୱାଇସି କରିପାରିନାହାନ୍ତି । ଏହାକୁ ବିଚାର କରି ସରକାର ଇକେଓ୍ୱାଇସି ଅବଧିକୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ନେଟଓ୍ୱର୍କ ସମସ୍ୟା ଥିବା ପଏଂଟରେ ଡିଭାଇସ ଲଗାଇବେ ସରକାର । ରାଜ୍ୟରେ ୯୭ ଲକ୍ଷ ୭୭ ହଜାର ୩୫୧ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରେ ଅଛନ୍ତି । ହିତାଧିକାରୀଙ୍କ ସଂଖ୍ୟା ୩ କୋଟି ୩୨ଲକ୍ଷ ୩୩ ହଜାର।

## ୨୦୨୪-୨୫ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ

# ଅର୍ଥନୈତିକ ଅଭିବୃଦ୍ଧି ହାର ୭.୨ ପ୍ରତିଶତ ରହିବ

**ଭୁବନେଶ୍ୱର,୧୫।୨(ମହାଭାରତ):** ୨୦୨୪-୨୫ ମସିହାରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ବାସ୍ତବରେ ୭.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି । ଏହା ସର୍ବଭାରତୀୟ ସ୍ତରର ୬.୪ ପ୍ରତିଶତ ତୁଳନାରେ ଅଧିକ । ବିଧାନସଭାରେ ଉପସ୍ଥାପିତ ହୋଇଥିବା ୨୦୨୪-୨୫ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏହି ଆକଳନ କରାଯାଇଛି। ୨୦୨୪-୨୫ରେ ଜିଏସଡିପି ତଥ୍ୟ ଅନୁସାରେ ଓଡ଼ିଶାର ଅର୍ଥନୀତିର ଆକାର ୯.୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି, ଯାହା ୨୦୨୩-୨୪ରେ ୮.୬ ଲକ୍ଷ କୋଟି ଟଙ୍କାରୁ ୧୦% ବୃଦ୍ଧି ପାଇଛି।

୨୦୨୪-୨୫ ଆର୍ଥିକ ବର୍ଷରେ ସମସ୍ତ କ୍ଷେତ୍ରରେ ଦୃଢ଼ ଅଭିବୃଦ୍ଧି ଘଟିଛି ଏବଂ ଆଗାମୀ ବର୍ଷ ଗୁଡ଼ିକରେ ରାଜ୍ୟ ଦ୍ରୁତ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ। ଉତ୍କର୍ଷ ଓଡ଼ିଶା ମାଧ୍ୟମରେ ଅଧିକ ପୁଞ୍ଜି ନିବେଶ ଏବଂ ପୁଞ୍ଜିନିବେଶ ଉଦ୍ଦେଶ୍ୟ ଭବିଷ୍ୟତରେ ରାଜ୍ୟର ଅଭିବୃଦ୍ଧି ହାରକୁ ଆହୁରି ବଢ଼ାଇବ।

୨୦୨୪-୨୫ ଅଗ୍ରୀମ ଆକଳନରେ ଓଡ଼ିଶାର ମୁଣ୍ଡପିଛା ଆୟ ୧୦.୬ ପ୍ରତିଶତ ବୃଦ୍ଧି ପାଇ ୧,୮୨,୫୪୮ ଟଙ୍କାରେ ପହଂଚିଥିବା ବେଳେ ସର୍ବଭାରତୀୟ ସ୍ତରରେ ମୁଣ୍ଡପିଛା ଆୟ ୮.୭% ବୃଦ୍ଧି ପାଇଛି। ୨୦୨୪-୨୫ରେ ଭାରତର ମୁଣ୍ଡପିଛା ଆୟ ୨,୦୦,୧୬୨ ଟଙ୍କା ତୁଳନାରେ ରାଜ୍ୟର ମୁଣ୍ଡପିଛା ଆୟ ୮.୮ ପ୍ରତିଶତ କମ୍ ଏବଂ ଏହା ସର୍ବଭାରତୀୟ ମୁଣ୍ଡ ପିଛା ଆୟର ନିକଟତର ହେଉଛି। ୨୦୨୩-୨୪ ଅର୍ଥକ ବର୍ଷର ତଥ୍ୟ ଅନୁଯାୟୀ ଯଦି ଓଡିଶା ମୁଣ୍ଡପିଛା ଆୟବୃଦ୍ଧିକୁ ୧.୦ ପ୍ରତିଶତ ପଏଂଟରେ ତ୍ୱରାନ୍ୱିତ କରିବାରେ ସଫଳ ହୁଏ, ତେବେ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ମୁଣ୍ଡପିଛା ଆୟ ଜାତୀୟ ସ୍ତରର ମୁଣ୍ଡପିଛା ଆୟ ସହିତ ପ୍ରାୟ ସମକକ୍ଷ ହୋଇପାରିବ। ରାଜ୍ୟରେ ଉଭୟ ମହିଳା ଓ ମୋଟ ଶ୍ରମଶକ୍ତି ଅଂଶଗ୍ରହଣ ହାର (ଏଲ୍ ଏଫ୍ ପିଆର୍) ବୃଦ୍ଧି ପାଉଛି । ଓଡ଼ିଶାରେ ଏଲ୍ ଏଫ୍ ପିଆର୍ (୧୫ ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ) ୨୦୧୮-୧୯ରେ ୫୧.୨ ପ୍ରତିଶତ ଥିବାବେଳେ ୨୦୨୩-୨୪ରେ ଏହା ୬୪.୯ ପ୍ରତିଶତକୁ ବୃଦ୍ଧି ପାଇଛି। ରାଜ୍ୟର ଶ୍ରମଶକ୍ତି ଅଂଶଗ୍ରହଣ ହାର ସର୍ବଭାରତୀୟ ସ୍ତର (୫୮ ପ୍ରତିଶତ) ଠାରୁ ଅଧି.କ ।

ଓଡ଼ିଶାରେ ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର (୧୫ ବର୍ଷରୁ ଅଧିକ) ୨୦୧୮-୧୯ରେ ୨୪.୪ ପ୍ରତିଶତ ଥିବାବେଳେ ୨୦୨୩-୨୪ରେ ଏହା ୪୯.୪ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ସର୍ବଭାରତୀୟ ସ୍ତର ୪୨ ପ୍ରତିଶତ ଠାରୁ ଅଧି୪କ ।

୨୦୨୪-୨୫ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ୩.୩ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରାଯାଇଛି, ଯାହାର ରାଜ୍ୟ ମୋଟ ସଂଯୋଗିତ ମୂଲ୍ୟରେ ଯୋଗଦାନ ୧୯ ପ୍ରତିଶତଅଟେ । ରିପୋର୍ଟରେ କୁହା ଯାଇଛି ଯେ, ଓଡ଼ିଶାରେ ଖାଦ୍ୟଶସ୍ୟ ଉତ୍ପାଦନ ୨୦୧୯-୨୦ ବର୍ଷରେ ୧୧୬.୯ ଲକ୍ଷ ମେଟ୍ରିକ୍ ଟନ୍ ଥିବା ବେଳେ ୨୦୨୩-୨୪ ବର୍ଷରେ ଏହା ୧୪୩ ଲକ୍ଷ ମେଟ୍ରିକ୍ ଟନରେ ପହଂଚିଛି, ଯାହା ହାରାହାରି ଅଭିବୃଦ୍ଧି ହାର (ସିଏଜିଆର୍) ୫୨ ପ୍ରତିଶତକୁ ଦର୍ଶାଉଅଛି।

କୁଇଂଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ସହିତ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ଓଡ଼ିଶାର ଧାନ ଚାଷୀ ମାନଙ୍କୁ ଲାଭଦାୟକ ମୂଲ୍ୟ ପ୍ରଦାନ କରିବା ସହିତ ଆୟ ବୃଦ୍ଧି କରିବ ଯାହା ସେମାନଙ୍କୁ ଉଚ୍ଚ ଉତ୍ପାଦନ ସ୍ତର ପାଇଁ ଉତ୍ସାହିତ କରିବ।

ମୋଟ ଧାନ ଉତ୍ପାଦନରେ ଓଡ଼ିଶା ୮ ପ୍ରତିଶତ ଅଂଶ ସହ ଦେଶର ପଂଚମ ବୃହତ୍ତମ ଧାନ ଉତ୍ପାଦନକାରୀ ରାଜ୍ୟ । ଧାନ ଉତ୍ପାଦନ ୨୦୧୯-୨୦ରେ ୯୭.୬ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ୨୦୨୩-୨୪ରେ ଏହା ୧୧୫.୪ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି। କପା, ମକା, ପନିପରିବା, ମସଲା ଆଦି ଅର୍ଥକାରୀ ଫସଲ ଚାଷ ବୃଦ୍ଧି ପାଇବା ଫଳରେ ଓଡ଼ିଶାରେ ଫସଲ ବିବିଧତା ବୃଦ୍ଧି ପାଉଛି, ଯାହା କୃଷକଙ୍କ ଆୟ ବୃଦ୍ଧି କରିବ। ଓଡ଼ିଶାର ପନିପରିବା ଉତ୍ପାଦନ ୨୦୧୯-୨୦ରେ ୯୭.୩୪ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ୨୦୨୩-୨୪ରେ ଏହା ୧୦୯.୩ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇ ୩ ପ୍ରତିଶତ ଅଭିବୃଦ୍ଧି ହାର (ସିଏଜିଆର୍) ହାସଲ କରିଛି। ଏହି ରାଜ୍ୟ ଭାରତର ସପ୍ତମ ବୃହତ୍ତମ ପନିପରିବା ଉତ୍ପାଦନକାରୀ ରାଜ୍ୟ, ଯାହା ଜାତୀୟ ଉତ୍ପାଦନରେ ୫.୨ ପ୍ରତିଶତ ଯୋଗଦାନ ଦେଇଥାଏ। କୃଷକଙ୍କ ଆୟ ବୃଦ୍ଧି ଏବଂ ଖାଇବା ତେଲର ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ରାଜ୍ୟ ସରକାର ଅଏଲ ପାମ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି । ୨୦୧୯-୨୦ରେ ତୈଳ ପାମ କ୍ଷେତ୍ର ୬.୭ ହଜାର ହେକ୍ଟର ଥିବାବେଳେ ୨୦୨୩-୨୪ରେ ଏହା ୮.୮ ହଜାର ହେକ୍ଟରକୁ ବୃଦ୍ଧି ପାଇଛି, ଯାହାର ବାର୍ଷିକ ଅଭିବୃଦ୍ଧି ହାର ୭.୧ ପ୍ରତିଶତ ଅଟେ।



# ଜୀବନଚର୍ଯ୍ୟା





## କଖାରୁ ଫୁଲ ଅଣ୍ଡା ଚପ୍

ଆବଶ୍ୟକ ସାମଗ୍ରୀ: ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଚପ ମସଲା, ଜଲଜିରା ପାଉଡର, ଚାଉଳ ପିଠଉ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚାଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଚପ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଚପ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚାଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଚପ। ଏହାକୁ ଆପଣ ଗରମା ଗରମ ଖାଇପାରିବେ।





### ଖବର

## ଅନୁଭବ ମହାନ୍ତିଙ୍କ ବାୟୋଗ୍ରାଫି ପୁସ୍ତକ 'ବ୍ଲକବଷ୍ଟରରୁ ବାଲେଟ୍ ବକ୍ସ' ଉନ୍ମୋଚିତ



ଓଲିଉଡ ଅଭିନେତା ତଥା ରାଜନେତା ଅନୁଭବ ମହାନ୍ତିଙ୍କୁ ତାଙ୍କର ବହୁପ୍ରତିକ୍ଷୀତ ବାୟୋଗ୍ରାଫିର ବିଶାଳ ଉନ୍ମୋଚନ ସହ ସମ୍ମାନିତ କରାଯାଇଛି। ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଶନିବାର ଅନୁଭବ ମହାନ୍ତିଙ୍କ ବାୟୋଗ୍ରାଫି ପୁସ୍ତକ 'ବ୍ଲକବଷ୍ଟରରୁ ବାଲେଟ ବକ୍ସ' ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର, ସାହିତ୍ୟ ଜଗତ ଏବଂ ରାଜନୈତିକ ମହଲର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ୍ୟ ଏହି କାର୍ଯ୍ୟକ୍ରମ ବେଶ ସଫଳ ହୋଇଥିଲା ଏବଂ ଏହି ଅବସରରେ ଅନୁଭବ ମହାନ୍ତିଙ୍କ ଉଲ୍ଲେଖନୀୟ ଜୀବନ ଓ କ୍ୟାରିୟରକୁ ପ୍ରଶଂସା କରାଯାଇଥିଲା।ଟାଇମପାସ ପବ୍ଲିକେସନ ଦ୍ୱାରା ପ୍ରକାଶିତ ଏହି ବାୟୋଗ୍ରାଫିକୁ ଜାଗୃତି ଶୁକ୍ଲା ରଚନା କରିଛନ୍ତି। ଏହି ବହିର ଓଡ଼ିଆ ଅନୁସୃଜନ ମାନସ ପଢ଼ିଆରୀ କରିଛନ୍ତି। ଓଡିଶା ଚଳଚିତ୍ର ଶିଳ୍ପରେ ତାଙ୍କର ପ୍ରାଧାନ୍ୟତାଠାରୁ ଆରମ୍ଭ କରି ତାଙ୍କର ପ୍ରଭାବଶାଳୀ ରାଜନୈତିକ କ୍ୟାରିୟର ଏବଂ ଓଡିଶା ତଥା ରାଜ୍ୟବାସୀଙ୍କ ପାଇଁ ତାଙ୍କର ଦୃଢ ନିଷ୍ଠା ପର୍ଯ୍ୟନ୍ତ, ଏହି ବାୟୋଗ୍ରାଫି ଅନୁଭବ ମହାନ୍ତିଙ୍କ ପ୍ରେରଣାଦାୟୀ ଯାତ୍ରା ଉପରେ ଗଭୀର ଦୃଷ୍ଟିକୋଣ ପ୍ରଦାନ କରିଛି। ଏହି ପୁସ୍ତକ ଅନୁଭବ ମହାନ୍ତିଙ୍କ ସ୍ୱର୍ଗୀୟ ପିତା ପ୍ରଫେସର ଅଭୟ କୁମାର ମହାନ୍ତିଙ୍କ ପ୍ରତି ଏକ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି। ଏହି ଅବସରରେ ଅତିଥିମାନଙ୍କ ଗହଣରେ ପ୍ରକାଶକ ସରୋଜ ବଳ ମଧ୍ୟ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଦେବଦାସ ଛୋଟରାୟ ଶ୍ରୀ ମହାନ୍ତିଙ୍କ ପ୍ରଭାବର ଗଭୀରତା ଉପରେ ଆଲୋକପାତ କରି କହିଥିଲେ, ଏହି ପୁସ୍ତକ କେବଳ ଏକ ଆତ୍ମଜୀବନୀ ନୁହେଁ ବରଂ ଓଡିଶା ସହ ତାଙ୍କର ନିଷ୍ଠାପରତା, ସମର୍ପଣ ଓ ଏକ ଅତୁଟ ବନ୍ଧନର ପ୍ରମାଣ ଅଟେ। ଜଣେ ସୁନାମଧନ୍ୟ ଲେଖକ, କବି ଓ ଗୀତିକାର ଶ୍ରୀ ଛୋଟ୍ରା। ଭବିଷ୍ୟତର ପିଢିଙ୍କୁ ଅନୁପ୍ରାଣିତ କରିବା ପାଇଁ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଯାତ୍ରାର ଦସ୍ତାବିଜକରଣର ମହତ୍ୱକୁ ଆଲୋକପାତ କରିଥିଲେ।ଏହି ବାୟୋଗ୍ରାଫି ଏବେ ପ୍ରମୁଖ ବୁକ୍ଷ୍ଟୋର ଓ ଅନଲାଇନ୍ ଷ୍ଟୋରଗୁଡିକରେ ଉପଲବ୍ଧ ହେଉଛି। ପାଠକମାନେ ସ୍ଥିରତା, ସଫଳତା ଏବଂ ସେବା ପ୍ରତି ନିରନ୍ତର ପ୍ରତିବଦ୍ଧତାର ଏକ ପ୍ରେରଣାଦାୟକ କାହାଣୀ ସମ୍ପର୍କରେ ଜାଣିପାରିବେ, ଯାହା ଏହାକୁ ପ୍ରଶଂସକ ଓ ଆଶାୟୀ ନେତାମାନଙ୍କ ପାଇଁ ଏକ ପଠନଯୋଗ୍ୟ ପୁସ୍ତକରେ ପରିଣତ କରୁଛି।ଏହି କାର୍ଯ୍ୟକ୍ରମରେ ଚଳଚିତ୍ର ଓ ସାହିତ୍ୟ ଜଗତର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ରାଜନେତା ଓ ପ୍ରଶଂସକମାନେ ଅଂଶଗ୍ରହଣ କରିଥିଲେ । ହୃଦୟସ୍ପର୍ଶୀ ଅଭିଭାଷଣ, ଆଲୋଚନା ଓ ଅନୁଭବ ମହାନ୍ତିଙ୍କ ସ୍ୱର୍ଗୀୟ ପିତାଙ୍କ ପ୍ରତି ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହିତ ଏହି ସନ୍ଧ୍ୟା ତାଙ୍କ ଜୀବନ ଓ ବିରାସତର ଏକ ପ୍ରକୃତ ସେଲିବ୍ରେଶନ ଥିଲାୟ କାର୍ଯ୍ୟକ୍ରମ ଅବସରରେ ନିଜର କୃତଜ୍ଞତା ଜଣାଇ ଅନୁଭବ ମହାନ୍ତି କହିଥିଲେ, ଏହି ପୁସ୍ତକ ମୋର ଖୁବ୍ ବ୍ୟକ୍ତିଗତ ଅଟେ୍ୟ ଏହା କେବଳ ମୋର ଯାତ୍ରା ନୁହେଁ ବରଂ ମୋ ପିତାଙ୍କ ଶିକ୍ଷା, ମୋର ସଂଘର୍ଷ ଓ ଓଡିଶା ପାଇଁ ମୋର ଦୃଢ ଭଲ ପାଇବାର ଏକ ପ୍ରତିଫଳନ ଅଟେ। ମୁଁ ଆଶା କରୁଛି ପାଠକମାନେ ଏହି ପୁସ୍ତକର ପୃଷ୍ଠାଗୁଡିକରୁ ପ୍ରେରଣା ପାଇବେ।

## ମହାଦେବଙ୍କ ବରଦାନ



ଥରେ ଭଗବାନ ଶ୍ରୀକୃଷ୍ଣ ପୁତ୍ର ପ୍ରାପ୍ତି ନିମନ୍ତେ ଇଚ୍ଛା କଲେ । ସେ ଜଣେ ମୁନିଙ୍କ ଆଶ୍ରମକୁ ଗଲେ । ମୁନି ତାଙ୍କୁ ସାଦରେ ସ୍ୱାଗତ ଜଣାଇବା ସହ ଆସିବାର କାରଣ ପଚାରିଲେ । ଶ୍ରୀକୃଷ୍ଣ ଏକ ପୁତ୍ର ଚାହୁଁଥିବା କହିଲେ । ଭଗବାନ ଶିବଙ୍କୁ ତପସ୍ୟା କରି ପୁତ୍ର ଲାଭ କରିବା ଲାଗି ମୁନିବର ଶ୍ରୀକୃଷ୍ଣଙ୍କୁ ପରାମର୍ଶ ଦେଲେ । ଶ୍ରୀକୃଷ୍ଣ ଜଙ୍ଗଲକୁ ଯାଇ ଘୋର ତପସ୍ୟା ଆରମ୍ଭ କଲେ । ବର୍ଷ ବର୍ଷ ଧରି ତାଙ୍କ ତପସ୍ୟା ଜାରି ରହିଲା । ମାତ୍ର ଶିବ ପ୍ରସନ୍ନ ହେଲେ ନାହିଁ । ଦେବୀ ପାର୍ବତୀ ଏହା ଜାଣିପାରି ମହାଦେବଙ୍କୁ କହିଲେ, ବହୁ ବର୍ଷ ଧରି ଶ୍ରୀକୃଷ୍ଣ ଆପଣଙ୍କ ଆରାଧନା କରୁଛନ୍ତି । ଆପଣ କାହିଁକି ତାଙ୍କୁ ଦର୍ଶନ ଦେଉନାହାନ୍ତି । ଏହାପରେ ଶିବ ଏବଂ ପାର୍ବତୀ ଭଗବାନ କୃଷ୍ଣଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଶ୍ରୀକୃଷ୍ଣଙ୍କୁ ତପସ୍ୟାର କାରଣ ପଚାରିଲେ ମହାଦେବ । ମହାଦେବ କହିଲେ, ତୁମେ ସ୍ୱୟଂ ଏ ସଂସାରର ପାଳନକର୍ତ୍ତା । ବ୍ରହ୍ମସ୍ୱରୂପ ଭଗବାନ ବିଷ୍ଣୁ । ତୁମେ ପୁଣି କେଉଁ ଇଚ୍ଛା ନେଇ ମୋର ତପସ୍ୟା କରୁଛ । ଉତ୍ତରରେ ଶ୍ରୀକୃଷ୍ଣ କହିଲେ, ମହାଦେବ ମୁଁ ଆପଣଙ୍କ ଭଳି ଜଣେ ପୁତ୍ରର ପିତା ହେବାକୁ ଚାହୁଁଛି । ଏହାପରେ ମହାଦେବ ତଥାସ୍ତୁ କହି କୈଳାସ ଅଭିମୁଖେ ପ୍ରସ୍ଥାନ କଲେ । ଶ୍ରୀକୃଷ୍ଣ ଦ୍ୱାରିକା ଫେରିଲେ । କିଛିଦିନ ପରେ ତାଙ୍କ ପତ୍ନୀ ଜାମ୍ବବତୀଙ୍କ ଔରସରୁ ଶାମ୍ବ ଜନ୍ମ ନେଲେ । ଶାମ୍ବ ଥିଲେ ଭଗବାନ ମହାଦେବଙ୍କ ବରଦାନ ଫଳ । ମହାଦେବଙ୍କ ଭଳି ଜଣେ ପୁତ୍ର ଲାଭ କରିବା ପାଇଁ ଶ୍ରୀକୃଷ୍ଣ କାହିଁକି ଚାହିଁଥିଲେ ? କାରଣ, ଶ୍ରୀକୃଷ୍ଣ ଜାଣିଥିଲେ ଯେ ଶିବ ହେଉଛନ୍ତି ସଂହାରର ଦେବତା । ବିନା ସଂହାର ବା ଧ୍ୱଂସରେ ନୂତନ ସୃଷ୍ଟି ଆରମ୍ଭ ହେବା ସମ୍ଭବପର ନୁହେଁ । ଏଣୁ ସେ ଶିବଙ୍କ ଭଳି ଏକ ପୁତ୍ର ଚାହୁଁଥିଲେ । ଶେଷରେ ତାହା ହିଁ ହେଲା । ଶାମ୍ବଙ୍କ କାରଣରୁ ହିଁ ଯଦୁବଂଶର ଧ୍ୱଂସ ହୋଇଥିଲା । ଯାହା ଏକ ନୂଆ ଆରମ୍ଭ, ନୂଆ ଯୁଗର ସୃଷ୍ଟି ପାଇଁ ବାଟ ଫିଟାଇଥିଲା ।

## ମାଇଗ୍ରେନ୍ ସହ ଅନେକ ସମସ୍ୟାକୁ ଦୂର କରିବ ବ୍ଲୁ ଟି'



ସାଧାରଣତଃ ଚା ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଚା ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଚା, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି' ମଧ୍ୟ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା'ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରର ଯନ୍ତ୍ରଣାକୁ ଦୂର କରିଥାଏ । ଏହି ଚା 'ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି' ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ ଜାଣିବା ବ୍ଲୁ ଟି' ପିଇବା ଦ୍ୱାରା କଣ ଲାଭ ମିଳିଥାଏ ?

**ବ୍ଲୁ ଟି ' ର ସ୍ୱାସ୍ଥ୍ୟ ଉପକାରିତା:**

◆ ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ଏହି ଚା 'ପିଇପାରିବେ। ବ୍ଲୁ ଟି ' ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ ।

◆ ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ ରେ ଏହା ଭଲ ଫଳାଫଳ ଦେଖାଏ।

◆ ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି 'ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଚା ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ।

◆ କର୍କଟ ରୋଗରେ ଏହି ଚା ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।

◆ ମାଇଗ୍ରେନର ଶିକାର ହୋଇଥିଲେ ଏହାର ଯନ୍ତ୍ରଣା ହ୍ରାସ କରିବାରେ ବ୍ଲୁ ଟି ମଧ୍ୟ ବହୁତ ସାହାଯ୍ୟ କରିଥାଏ। ଏହି ଚା ପିଇବା ଦ୍ୱାରା ମସ୍ତିଷ୍କର ସ୍ନାୟୁ ଫୁଲିଯାଏ ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ଆସେ। ଏହା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ଏହାକୁ କିପରି ପ୍ରସ୍ତୁତ କରିବେ**

◆ ଅପରାଜିତାର ନୀଳ ଫୁଲକୁ ଫୁଟୁଥିବା ପାଣିରେ ରଖନ୍ତୁ, ଏହାକୁ ଏକ ମିନିଟ୍ ପାଇଁ ଘୋଡାନ୍ତୁ ଏବଂ ପରେ ଫିଲ୍ଟର୍ ତଥା ଛାଣି ନିଅନ୍ତୁ । ଯଦି ଚାହାଁନ୍ତି, ସ୍ୱାଦ ପାଇଁ ସେଥିରେ ଲେମ୍ବୁ, ମହୁ ମିଶାନ୍ତୁ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ମହୁ ମିଶାନ୍ତୁ ନାହିଁ ।

## ଶିବଙ୍କ ସବୁ ରୂପ ଭକ୍ତଙ୍କ ପାଇଁ କଲ୍ୟାଣକାରୀ



ଶିବଙ୍କ ସବୁ ରୂପ ଭକ୍ତଜନଙ୍କ ପାଇଁ କଲ୍ୟାଣକାରୀ । ମହାଦେବ ଏହି ସମସ୍ତ ରୂପରେ ପୂଜନୀୟ ଏବଂ ଜୀବନ ପାଇଁ ଏକ ଭିନ୍ନ ବାର୍ତ୍ତା ଦେଇଥାନ୍ତି ।

ଅର୍ଦ୍ଧନାରୀଶ୍ୱର ରୂପ : ଭଗବାନ ଶିବଙ୍କ ଏହି ରୂପରେ ତାଙ୍କ ଶରୀରର ଗୋଟିଏ ଭାଗ ନର ଏବଂ ଅନ୍ୟ ଭାଗଟି ନାରୀ ଅର୍ଥାତ୍ ମାତା ପାର୍ବତୀଙ୍କ ରୂପରେ ଦେଖିବାକୁ ମିଳିଥାଏ । ଦୁହେଁ ସ୍ପଷ୍ଟ ରୂପରେ ଗୋଟିଏ ପ୍ରତିମା । ଏହି ରୂପରେ ଶିବଙ୍କୁ ପୂଜା କଲେ ମାତା ପାର୍ବତୀଙ୍କୁ ପୂଜିବାର ଫଳ ମଧ୍ୟ ମିଳିଯାଇଥାଏ ।

ପଞ୍ଚମୁଖୀ ଶିବ : ଭଗବାନଙ୍କ ଏହି ରୂପରେ ୫ଟି ମୁଖମଣ୍ଡଳ ରହିଛି । ଏଥିରେ ପ୍ରଥମ ମୁଖ ଊର୍ଦ୍ଧ୍ୱମୁଖୀ ହୋଇଥିବା ବେଳେ ଏହାର ରଙ୍ଗ ଲାଲ୍ ହୋଇଥାଏ । ଦ୍ୱିତୀୟ ମୁଖ ପୂର୍ବ ଦିଗକୁ ରହିଥିବା ବେଳେ ଏହାର ରଙ୍ଗ ହଳଦିଆ ହୋଇଥାଏ । ନୀଳ ରଙ୍ଗର ତୃତୀୟ ମୁଖ ଦକ୍ଷିଣ ଆଡ଼କୁ ରହିଥାଏ । କହରା ରଙ୍ଗର ଚତୁର୍ଥ ମୁଖ ପଶ୍ଚିମ ଦିଗକୁ ରହିଥାଏ। ପଞ୍ଚମ ମୁଖ ଉତ୍ତର ଦିଗକୁ ରହିଥାଏ ଯାହାର ରଙ୍ଗ ସମ୍ପୂର୍ଣ୍ଣ ଲାଲ। ଏହି ସମସ୍ତ ମୁଖ ଉପରେ ଶିବଙ୍କ ଜଟାରେ ଚନ୍ଦ୍ରମା ଶୋଭା ପାଇଥାନ୍ତି । ସମସ୍ତ ୫ମୁଖର ଅଦ୍ଭୁତ ଆଭା ପ୍ରକଟ ହୋଇଥାଏ। ଏହି ୫ଟି ମୁଖକୁ ପୂଜା କରିବା ଦ୍ୱାରା ସମସ୍ତ କଷ୍ଟ ଦୂର ହୋଇ ସର୍ବସିଦ୍ଧି ପ୍ରାପ୍ତ ହୋଇଥାଏ।

ମହାମୃତ୍ୟୁଞ୍ଜୟ : ଭଗବାନଙ୍କ ଏହି ରୂପକୁ ଦେଖି ମୃତ୍ୟୁ ମଧ୍ୟ ଡରିଯାଇଥାଏ । ତାଙ୍କର ଏହି ରୂପକୁ ଧ୍ୟାନ କରି ମୃତ୍ୟୁ ଉପରେ ମଧ୍ୟ ବିଜୟ ପ୍ରାପ୍ତ କରି ହୋଇଥାଏ। ଏହି ରୂପର ସ୍ତୁତି କରି ମହାମୃତ୍ୟୁଞ୍ଜୟ ମନ୍ତ୍ର ୧ ଲକ୍ଷ ୨୦ ହଜାର ଥର ଜପ କଲେ ଅସାଧ ରୋଗରୁ ମୁକ୍ତି ମିଳିଥାଏ ତଥା ଅକାଳ ମୃତ୍ୟୁ ଯୋଗରୁ ମଧ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ ରହିଛି ।

ନୀଳକଣ୍ଠ : ଶିବଙ୍କ ଏହି ରୂପରେ ଭଗବାନଙ୍କ କଣ୍ଠ ଅର୍ଥାତ୍ ଗଳା ନୀଳ ରଙ୍ଗ ହୋଇଥାଏ । ଥରେ ଭଗବାନ ଶିବ ବିଷ ପିଇଦେଇଥିଲେ, ଫଳରେ ତାଙ୍କର ସମସ୍ତ କଣ୍ଠ ନୀଳ ହୋଇଗଲା। ଭଗବାନଙ୍କ ଏହି ରୂପରେ ତାଙ୍କ ମୁଖରେ ଅତ୍ୟଧିକ ତେଜ ପରିବ୍ୟାପ୍ତ ଥାଏ। ଯାହାର ତୁଳନା ହଜାର ହଜାର ସୂର୍ଯ୍ୟଙ୍କ ତେଜ ସହିତ କରାଯାଇପାରେ ।

ନଟରାଜ : ଭଗବାନଙ୍କର ଏହା ରୌଦ୍ରରୂପ । ଏହି ରୂପରେ ଭଗବାନ ନୃତ୍ୟ ମୁଦ୍ରାରେ ଥାଆନ୍ତି । ସେ ଯୁଦ୍ଧ ସମୟରେ ଏହି ନୃତ୍ୟ କରିଥିଲେ। ଏହାକୁ ତାଣ୍ଡବ ନୃତ୍ୟ ବୋଲି ମଧ କହିଥାନ୍ତି । ଏଥିରେ ଭଗବାନଙ୍କ ଜଟା ଖୋଲି ରହିଥାଏ। ତଥା ତାଙ୍କ ମୁଖମଣ୍ଡଳରେ କ୍ରୋଧରେ ଲାଲ୍ ପଡ଼ିଯାଇଥାଏ।



## ମହର୍ଷି ଅଗସ୍ତ୍ୟ : ଜନ୍ମରୁ ବେଦଜ୍ଞାତା



ସୂର୍ଯ୍ୟବଂଶରେ ରାଜା ଇକ୍ଷାକୁଙ୍କ ପୁତ୍ର ଥିଲେ ନିମି। ଥରେ ସେ ଯଜ୍ଞ ଆୟୋଜନ କରିବା ଲାଗି ନିଷ୍ପତ୍ତି ନେଲେ । ଯଜ୍ଞ କରିବା ନିମନ୍ତେ ସେ ମହର୍ଷି ବଶିଷ୍ଠଙ୍କୁ ଅନୁରୋଧ କଲେ । ମାତ୍ର ବଶିଷ୍ଠ ପୂର୍ବରୁ ଯଜ୍ଞ କରିବା ନିମନ୍ତେ ଦେବରାଜ ଇନ୍ଦ୍ରଙ୍କୁ କଥା ଦେଇ ସାରିଥିଲେ । ତେଣୁ ସେ କହିଲେ, ମୁଁ ପ୍ରଥମେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ତୁମର ଯଜ୍ଞ ସମ୍ପନ୍ନ କରିବି। ରାଜା ନିମି ଏଥିରେ ଦୁଃଖିତ ହେଲେ। ମାତ୍ର କିଛିନକହି ସେ ଫେରି ଆସିଲେ । ଏହାପରେ ମହର୍ଷି ଗୌତମଙ୍କ ପୁତ୍ର ସଦାନନ୍ଦଙ୍କ ଦ୍ୱାରା ରାଜା ନିମି ଯଜ୍ଞ ସମ୍ପନ୍ନ କରାଇଲେ। ସ୍ୱର୍ଗପୁରୀରେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ଫେରିଲେ ମହର୍ଷି ବଶିଷ୍ଠ । ସେ ରାଜା ନିମିଙ୍କ ଦରବାରକୁ ଗଲେ । ମାତ୍ର ରାଜା ସେତେବେଳକୁ ଯଜ୍ଞ ଶେଷ କରିସାରିଥିବା ଜାଣିଲେ । ଅନ୍ୟପକ୍ଷରେ ରାଜା ମହର୍ଷିଙ୍କ ଆଗମନ ବିଷୟରେ ଜାଣିପାରିଲେ ନାହିଁ । କାରଣ ସେ ଶୋଇଥିଲେ । ବଶିଷ୍ଠ ଭାବିଲେ, ରାଜା ଯଜ୍ଞ ସମ୍ପନ୍ନ କରି ସାରିଥିବାରୁ ଅହଂକାରବଶତଃ ତାଙ୍କୁ ଦେଖା କରିବାକୁ ଚାହୁଁନାହାନ୍ତି । ତେଣୁ ସେ ରାଜାଙ୍କୁ ସଙ୍ଗେ ସଙ୍ଗେ ମୃତ୍ୟୁବରଣ କରିବା ଲାଗି ଅଭିଶାପ ଦେଲେ । ରାଜା ନିମି ଏହି ଅଭିଶାପ ଖବର ପାଇଲେ । ଖୁବ୍ କମ୍ ଦିନ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିବ ବୋଲି ସେ ଜାଣିଲେ। ସେ ଭାବିଲେ ଶୋଇଥିବା ଜାଣି ମଧ ମହର୍ଷି ବଶିଷ୍ଠ ତାଙ୍କୁ ଅଭିଶାପ ଦେଲେ । ରାଜା ନିମି ଜଣେ ସିଦ୍ଧ ପୁରୁଷ ଥିଲେ । ତେଣୁ ସେ ମଧ୍ୟ ମହର୍ଷି ବଶିଷ୍ଠଙ୍କ ମୃତ୍ୟୁବରଣ କରିବାର ଅଭିଶାପ ଦେଲେ । ମହର୍ଷି ରାଜାଙ୍କ ଅଭିଶାପ ବିଷୟରେ ଜାଣିବା ପରେ ଦେହତ୍ୟାଗ କରି ବ୍ରହ୍ମଲୋକରେ ପହଞ୍ଚିଲେ । ସେ ପରମପିତା ବ୍ରହ୍ମାଙ୍କୁ ସବୁକଥା କହିଲେ । ବ୍ରହ୍ମା କହିଲେ, ମୁଁ ସବୁ ଜାଣିଛି ବତ୍ସ ! ତେବେ ତୁମେ ଶରୀର ତ୍ୟାଗ କରି ଏଠାକୁ ଆସିବା ଉଚିତ୍ ହେଲା ନାହିଁ । ଧରାପୃଷ୍ଠରେ ତୁମ ଦ୍ୱାରା ଅନେକ ମହାନ କାର୍ଯ୍ୟ ସାଧିତ ହେବାକୁ ବାକି ଅଛି । ତୁମେ ଅନେକ ମହାନ କାର୍ଯ୍ୟର ସୂତ୍ରଧର ହେବ । ତେଣୁ ତୁମେ ପୁଣିଥରେ ପୃଥିବୀ ପୃଷ୍ଠକୁ ଫେରିଯାଅ। ବ୍ରହ୍ମାଙ୍କ ପରାମର୍ଶକ୍ରମେ ମହର୍ଷି ବଶିଷ୍ଠ ପୁଣିଥରେ ଦେହଧାରୀ ହୋଇ ଜନ୍ମ ନେବା ଲାଗି ମିତ୍ର-ବରୁଣଙ୍କୁ ଭେଟିଲେ । ମିତ୍ର ଓ ବରୁଣ ଦୁଇ ଜଣ ହୋଇଥିବାରୁ ମହର୍ଷି ବଶିଷ୍ଠଙ୍କ ଦୁଇଟି ଶରୀର ପୃଥିବୀରେ ଜନ୍ମ ନେଲା । ପ୍ରଥମେ ମହର୍ଷି ଅଗସ୍ତ୍ୟ ଏବଂ ଦ୍ୱିତୀୟରେ ସ୍ୱୟଂ ମହର୍ଷି ବଶିଷ୍ଠ ଜନ୍ମ ନେଲେ । ପ୍ରଥମେ ଜନ୍ମ ହୋଇଥିବାରୁ ମହର୍ଷି ଅଗସ୍ତ୍ୟଙ୍କୁ ବଶିଷ୍ଠଙ୍କ ଜ୍ୟେଷ୍ଠ ଭ୍ରାତା କୁହାଯାଏ । ମହର୍ଷି ଅଗସ୍ତ୍ୟ କାହାଠାରୁ ବେଦଜ୍ଞାନ ଆହରଣ କରିନଥିଲେ । କାରଣ ସେ ଜନ୍ମରୁ ହିଁ ବେଦଜ୍ଞାନୀ ହୋଇ ମର୍ତ୍ତ୍ୟରେ ଜାତ ହୋଇଥିଲେ । ଅସ୍ତ୍ରଶସ୍ତ୍ର ଚାଳନାରେ ସେ ଥିଲେ ସିଦ୍ଧହସ୍ତ । ସପ୍ତର୍ଷିଙ୍କ ମଧ୍ୟରୁ ଅନ୍ୟତମ ମହର୍ଷି ଅଗସ୍ତ୍ୟଙ୍କ ପରମ ଶିଷ୍ୟ ଥିଲେ ଋଷି ଅଗ୍ନିବେଶ । ତାଙ୍କ ଠାରୁ ଦ୍ରୋଣାଚାର୍ଯ୍ୟ ଅସ୍ତ୍ର ବିଦ୍ୟା ଶିକ୍ଷା ଲାଭ କରିଥିଲେ । ମହର୍ଷି ଅଗସ୍ତ୍ୟଙ୍କ ପତ୍ନୀ ଥିଲେ ଲୋପାମୁଦ୍ରା । ସେ ଜଣେ ପରମଜ୍ଞାନୀ ମହିଳା ଥିଲେ । ବେଦରେ ଲୋପାମୁଦ୍ରଙ୍କ ଦ୍ୱାରା ରଚିତ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ର ରହିଛି । ପ୍ରାଚୀନ କାଳରେ ମହିଳା ବିଦ୍ୱାନମାନଙ୍କୁ ମଧ ଗୁରୁତ୍ୱ ଦିଆଯାଉଥିବା ଏଥିରୁ ପ୍ରମାଣ ମିଳିଥାଏ ।

# ସୁଦୃଢ଼ ଗ୍ରାମପଞ୍ଚାୟତ ବିକଶିତ ଓଡ଼ିଶାର ମୂଳପିଣ୍ଡ



**ଭୁବନେଶ୍ୱର,୧୫।୨ (ମହାଭାରତ):** ପଞ୍ଚାୟତିରାଜ ମନ୍ତ୍ରୀ ମନ୍ତ୍ରୀ ରବିନାରାୟଣ ନାଏକ ରାଜ୍ୟସ୍ତରୀୟ ବିକଶିତ ପଞ୍ଚାୟତ ପାଇଁ ଦକ୍ଷତା ବିକାଶ ଶୀର୍ଷକ କର୍ମଶାଳାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ସୁଦୃଢ଼ ଗ୍ରାମପଞ୍ଚାୟତ ହେଉଛି ବିକଶିତ ଓଡ଼ିଶାର ମୂଳପିଣ୍ଡ। ତେଣୁ ବିକଶିତ ପଞ୍ଚାୟତ ଗଠନ ଦ୍ୱାରା ହିଁ ବିକଶିତ ଓଡ଼ିଶା ଗଠନ ସମ୍ଭବ ବୋଲି ଏହି ଅବସରରେ ମନ୍ତ୍ରୀ ମତ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ଚିନ୍ତାଧାରା ଓ ଦୃଢ଼ ନେତୃତ୍ୱରେ ସରକାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ୀକରଣ କରିବା ଦିଗରେ ବଳିଷ୍ଠ ପଦକ୍ଷେପମାନ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ନାଏକ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୫ ତାରିଖରେ ଖୋର୍ଦ୍ଧାର ଜଙ୍କିଅ। ମିନିଷ୍ଟାଡିୟମଠାରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲ। ଏହି ଅବସରରେ ସେ କହିଥିଲେ, ଓଡ଼ିଶା ବିକାଶ ଦିଗରେ ଏକ ଐତିହାସିକ ଦିନ। ଅ।ଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାର ପ୍ରତି ଗାଁକୁ ବିକଶିତ କରାଯିବ। ଦରିଦ୍ରତା ଓ ଅନଗ୍ରସରତା ବିରୁଦ୍ଧରେ ଲଢେଇ ଜାରି ରହିବ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂହ ଓ ଜିଲ୍ଲାପାଳ ଚଞ୍ଚଳ ରାଣା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଓଡ଼ିଶା ସରକାରଙ୍କ ପକ୍ଷରୁ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲ୍ଲାପାଳ ଓ ବିଡିଓଙ୍କୁ ଏହି ମାର୍ଗଦର୍ଶିକା ପଠାଯାଇଛି।ଅ।ସନ୍ତା ୧୫ ତାରିଖ ସୁଦ୍ଧା ପ୍ରତି ଗାଁ ସେହି ଅନୁସାରେ ୫ ବର୍ଷିଅ। ଯୋଜନା ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି।

# ବିକଶିତ ଓଡିଶାର ଲକ୍ଷ୍ୟ ହାସଲ ପାଇଁ ମାର୍ଗଦର୍ଶନ

**ଭୁବନେଶ୍ୱର,୧୫।୨ (ମହାଭାରତ):** ଓଡ଼ିଶାରେ ସହରାଂଚଳ ଶାସନକୁ ଅଧିକ କ୍ରିୟାଶିଳ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ଆଜି ଏହାର ମାସିକ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରେ ଅଧ୍ୟକ୍ଷତା କରି, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ସହରୀକରଣ ଏବଂ ସଂସ୍କାର ପାଇଁ ଏକ ବ୍ୟାପକ ଆଭିମୁଖ୍ୟ ମାଧ୍ୟମରେ ଓଡ଼ିଶାର ଭବିଷ୍ୟତ ଗଠନରେ ସେମାନଙ୍କର ପ୍ରୟାସକୁ ତୀବ୍ର କରିବାକୁ ପରାମର୍ଶ ଦେଇଛନ୍ତି।

ଶ୍ରୀମତୀ ପାଢୀ ସ୍ଥାୟୀ ସହରାଞ୍ଚଳ ବିକାଶକୁ ଆଗେଇ ନେବାରେ ଦକ୍ଷ ସାର୍ବଜନୀନ ସେବା ପ୍ରଦାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ସହରାଞ୍ଚଳ ବାସିନ୍ଦାଙ୍କ ପାଇଁ ସୁଲଭ ଗୃହ ନିର୍ମାଣକୁ ତ୍ୱରାନ୍ୱିତ କରିବା ସହିତ ପ୍ରମୁଖ କାର୍ଯ୍ୟକ୍ରମ ଗୁଡ଼ିକର ଦ୍ରୁତ କାର୍ଯ୍ୟାନ୍ୱୟନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସହରୀ ଭିତିଭୂମି ଏବଂ ମୌଳିକ ସେବାକୁ ବୃଦ୍ଧି କରିବା, ୟୁଏଲବି ଗୁଡ଼ିକର ଆର୍ଥିକ ସ୍ଥାୟୀତ୍ୱକୁ ସୁଦୃଢ଼ କରିବା, ରାସ୍ତା, ଜଳ ଯୋଗାଣ, ପରିମଳ ଏବଂ ସାଧାରଣ ସୁବିଧାରେ ଉନ୍ନତି ଆଣିବା ଦିଗରେ ବିଶେଷ ଦୃଷ୍ଟି ଦେବାକୁ କହିଛନ୍ତି।

ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ ଏବଂ ଯୁଗ୍ମ ସଚିବଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସମସ୍ତ ୧୧୫ଟି ୟୁଏଲବି, ଜିଲ୍ଲା ସହରାଞ୍ଚଳ ବିକାଶ ସଂସ୍ଥା ଏବଂ ବିକାଶ କର୍ତ୍ତୃପକ୍ଷଙ୍କ ମଧ୍ୟରେ ପ୍ରଗତି ସୁନିଶ୍ଚିତ କରିବା ପାଇଁ ସ୍ପଷ୍ଟ ସମୟସୀମା ସହିତ କାର୍ଯ୍ୟକ୍ଷମ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ। ବୈଠକରେ ଦକ୍ଷତା ବିକାଶ, ଡିଜିଟାଲ୍ ଶାସନ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣ ଉପରେ ଧ୍ୟାନ ଦେଇ ସଂସ୍କାର-ଚାଳିତ ସହରାଂଚଳ ପରିବର୍ତ୍ତନ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ଦିଆଯାଇଥିଲା। ଓଡ଼ିଶା ସହରାଞ୍ଚଳ ବିକାଶରେ ନୂତନ ମାନଦଣ୍ଡ ସ୍ଥାପନ କରିବାକୁ ଲକ୍ଷ୍ୟ ରଖି, ୟୁଏଲବି ଗୁଡ଼ିକୁ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପୌର ସେବାରେ ଉନ୍ନତି ପାଇଁ ତଥ୍ୟ-ଚାଳିତ ରଣନୀତି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ଉଷା ପାଢୀ କହିଥିଲେ," ସହରୀକରଣ କେବଳ ସହର ବିସ୍ତାର କରିବା ନୁହେଁ ବରଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ଜୀବନଧାରଣ ମାନ ନିଶ୍ଚିତ କରିବା। ସଂସ୍କାର, ପ୍ରଯୁକ୍ତିବିଦ୍ୟା ଉନ୍ନତି ଏବଂ ଗୋଷ୍ଠୀସହଭାଗୀତା ଶାସନ ମାଧ୍ୟମରେ ଆମେ ଏକ ସ୍ଥିର ଏବଂ ସମୃଦ୍ଧ ସହରାଞ୍ଚଳ ଓଡ଼ିଶା ଗଠନ କରିବାକୁ ପ୍ରତିବଦ୍ଧ। ସମନ୍ୱୟକୁ ସୁଦୃଢ଼ କରିବା, ସେବା ପ୍ରଦାନରେ ଉନ୍ନତି ଆଣିବା ଏବଂ ଦ୍ରୁତ ବିକାଶ ପ୍ରକଳ୍ପ ପାଇଁ ଏକ ସାମୂହିକ ସଂକଳ୍ପ ସହିତ ବୈଠକ ଶେଷ ହୋଇଥିଲା, ଯାହା ନିଶ୍ଚିତ କରିବ ଯେ ଓଡ଼ିଶା ଭିକ୍ସିତ୍ ଓଡ଼ିଶାର ଦୃଷ୍ଟିକୋଣ ଆଡ଼କୁ ନିର୍ଣ୍ଣାୟକ ଭାବରେ ଅଗ୍ରସର ହେଉଛି।



# ବିଲ୍ଡର ଏବଂ ସରକାରଙ୍କର ମଧୁଚନ୍ଦ୍ରିକାରେ ଜନତା ହନ୍ତସନ୍ତ



**ଭୁବନେଶ୍ୱର,୧୫।୨ (ମହାଭାରତ):** ଗୁରୁବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଯୁବ କଂଗ୍ରେସ ନେତା ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜଣାଇଛନ୍ତି ଯେ, ଦୀର୍ଘଦିନ ହେବ ପାର୍ଟ ପ୍ଲଟ ବିକ୍ରୟ ଉପରେ ରୋକ୍ ଲଗାଯାଇଅଛି। ଯାହାଦ୍ୱାରା ସାଧାରଣ ଲୋକମାନେ ନିଜର ମୁଖ୍ୟ ଆବଶ୍ୟକତା ଯଥା : ଝିଅ ବିଭାଘର କରିବା, ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେବା, ଜଟିଳ ରୋଗରେ ଚିକିତ୍ସିତ ହେବା ପାଇଁ ନିଜର ଥିବା ଜମିକୁ ଆଂଶିକ ବିକ୍ରି କରିପାରୁନାହାନ୍ତି। ଯାହାଦ୍ୱାରା ସାଧାରଣ ଲୋକଟି ନାହିଁନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ଏବଂ ଏଭଳି ଅସୁବିଧାକୁ ମେଂଟାଇବା ପାଇଁ ସାହୁକାର ମାନଙ୍କ ଠାରୁ ଶୋଷଣରେ ଶିକାର ହେଉଛନ୍ତି। ଆପାର୍ଟମେଂଟ କିଣାବିକାରେ ମଧ ସାଧାରଣ ଲୋକଟି ସମଦଶା ଭୋଗୁଛନ୍ତି। ଛୋଟ ଛୋଟ ଆପାର୍ଟମେଣ୍ଟ ଯେଉଁଠାରେ ୮ଟି ପରିବାର ରହିବାର ବ୍ୟବସ୍ଥା ଅଛି ତାହା ଆପର୍ଟମେଂଟ ଆଇନ ନିୟମ ଭିତରେ ଯିବା କଥା ନୁହେଁ। କିନ୍ତୁ ସେଥିରେ ମଧ ସାଧାରଣ ଲୋକଟି ଅସୁବିଧାରେ ସମ୍ମୁଖୀନ ହୋଇ ଘର କିଣି ପାରୁନାହିଁ। ବିଡ଼ିଏ ଓ ବିଏମ୍ସି ମୋଟା ଅଙ୍କରେ ଲାଂଚ ନେଇ ଆପାର୍ଟମେଂଟର ମାଲିକ ମାନଙ୍କୁ ଚୋରା କାରବାରରେ ପ୍ରଶ୍ରୟ ଦେଉଛନ୍ତି। ଏହି ଦୁର୍ନିତିର ଚେର ବିଡ଼ିଏ କାର୍ଯ୍ୟାଳୟରୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଯାଏଁ ବ୍ୟାପିଛି। ରାଜ୍ୟ ସରକାର ତୁରନ୍ତ ଆମେଣ୍ଡ ?ମେଂଟ କରି ପାର୍ଟ ପ୍ଲଟ କିଣାବିକାର କଟକଣାକୁ ତୁରନ୍ତ ୭ ଦିନ ଭିତରେ ପ୍ରତ୍ୟାହାର କରନ୍ତୁ ନଚେତ ଆଗାମୀ ଦିନରେ ଯୁବ କଂଗ୍ରେସ ପକ୍ଷରୁ ରାଜସ୍ୱ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ରାଜରାସ୍ତାରେ ତିବ୍ର ବିରୋଧ କରିବ।

# ମିଶନ ଶକ୍ତି ଇସି ସଦସ୍ୟଙ୍କ ଧାରଣା

**ଭୁବନେଶ୍ୱର,୧୫।୨ (ମହାଭାରତ):** ଲୋୟର ପିଏମ୍ଜିରେ ହଜାର ହଜାର ସଂଖ୍ୟାରେ ମିଶନ ଶକ୍ତି କାର୍ଯ୍ୟନିର୍ବାହୀ (ଇସି) ସଦସ୍ୟ ରିଷ୍ଟକ୍ଚରିଙ୍ଗ ପ୍ରତ୍ୟାହାର ଦାବିରେ ଦିବା-ରାତ୍ର ଅନିର୍ଦ୍ଦିଷ୍ଟକାଳ ଗଣଧାରଣାରେ ବସି ରହିଛନ୍ତି। ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ମାଷ୍ଟର କ୍ୟାଣ୍ଟିନ୍ ଠାରୁ ଯାଇ ଲୋୟର ପିଏମ୍ଜିରେ ପହଞ୍ଚିବା ପରେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ୩୦ଜିଲ୍ଲାର ଇ.ସି. ସଂଘ କର୍ମକର୍ତ୍ତାମାନେ ତାଙ୍କ ସମସ୍ୟା ସଂପର୍କରେ ହୃଦୟ ବିଦାରକ ଘଟଣାକ୍ରମ ବର୍ଣ୍ଣନା କରିଥିଲେ। ଗତ ୨୫ବର୍ଷ ଧରି ଅଧବସାୟ ଫଳରେ ଶୂନରୁ ଛଅ ଲକ୍ଷ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଗଠନ, ଘର ଘର ଯାଇ ଗୃହିଣୀ ମହିଳାମାନଙ୍କୁ ଜୀବିକା ଅର୍ଜନର ରାହା ଦେଖାଇବା ପାଇଁ ବ୍ୟାଙ୍କକୁ ନେଇ ଋଣ ପ୍ରଦାନ, ମହିଳା କର୍ମୀଙ୍କ ଦ୍ୱାରା କ୍ଷୁଦ୍ର ବ୍ୟବସାୟ, ବାଣିଜ୍ୟ, ହସ୍ତଶିଳ୍ପ, କୁଟୀରଶିଳ୍ପ ପରିଚାଳନା କରାଇବା ସହ ଏହି ସଂସ୍ଥାଗୁଡ଼ିକର ସୁପରିଚାଳାନା ତଦାରଖ ଓ ବ୍ୟାଙ୍କ ଋଣ ପରିଶୋଧ କରାଇ ୭୦ଲକ୍ଷରୁ ଅଧିକ ମହିଳାଙ୍କୁ ଜୀବିକା ଅର୍ଜନର ରାହା ଦେଖାଇଥିବାବେଳେ ମୋହନ ଚରଣ ମାଝୀଙ୍କ ସରକାର କଲମ ଗାରରେ ତଥା କଥିତ ପରିତ୍ୟକ୍ତ ରିଷ୍ଟ୍ରକ୍ଚରିଙ୍ଗ ବା ପୁନର୍ଗଠନ ନାମରେ ଲକ୍ଷାଧିକ କାର୍ଯ୍ୟରତ ମିଶନ ଶକ୍ତି ଓ ଜୀବିକା ମିଶନ କାର୍ଯ୍ୟନିର୍ବାହୀ କର୍ମଚାରୀଙ୍କୁ କାର୍ଯ୍ୟରୁ ହଠାଇବା ପାଇଁ ଗତ ଜାନୁଆରୀ ୮ ଓ ୨୨ ତାରିଖରେ ଦେଇଥିବା ନିର୍ଦ୍ଦେଶ ପ୍ରତ୍ୟାହାର ଦାବିରେ ଏହି ଅନିର୍ଦ୍ଦିଷ୍ଟକାଳ ଗଣ ଧାରଣା ଆରମ୍ଭ ହୋଇଛି। ଓଡ଼ିଶା ଜୀବିକା ମିଶନ ଇ.ସି ସଂଘର ବରିଷ୍ଠ ନେତ୍ରୀ ବିଷ୍ଣୁପ୍ରିୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ସଂଘର ସଭାପତି ଜୟନ୍ତ ଦାସ, କାର୍ଯ୍ୟକାରୀ ସଭାପତି ଶୈଳବାଳା ରଥ, ପ୍ରଭାତି ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ଡ଼ଃ. ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଏହି ଦାବିକୁ ପୂର୍ଣ୍ଣ ସମର୍ଥନ ଜଣାଇ ଉଦ୍‌ବୋଧନ ଦେବା ସହ ମୁଖ୍ୟମନ୍ତ୍ରୀ ଏହି ସମସ୍ୟାରେ ହସ୍ତକ୍ଷେପ କରି ସମାଧାନ ପାଇଁ ଆହ୍ୱାନ ଦେଇଥିଲେ।

# ମାର୍ଚ୍ଚ ୮ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭୁବନେଶ୍ୱର,୧୫।୨ (ମହାଭାରତ):** ଆସନ୍ତା ମାର୍ଚ୍ଚ ୮ତାରିଖ ଶନିବାର ଦିନ ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ, ବାଣପୁର, ଚିଲିକା, ଟାଂଗୀ, ବେଗୁନିଆ ଅଦାଲତ ପରିସରରେ ୨୦୨୫ ମସିହାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା- ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ୍ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୁରଣ, ଶ୍ରମ ଓ ନିଯୁକ୍ତ ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧୀକରଣ, ଚାକିରି ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେଓନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଏହାସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ତଥା ବ୍ୟାଙ୍କ୍ ଋଣ ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ମକଦ୍ଦମା ଇତ୍ୟାଦିର ଆପୋଷ ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା, ବିବାଦର ସମାଧାନ ପାଁଇ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୁଡାନ୍ତ ଏବଂ ଅମଳ ଯୋଗ୍ୟ।

# ଓୟୁଜେ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଭୁବନେଶ୍ୱର,୧୫।୨ (ମହାଭାରତ):** ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସାମ୍ବାଦିକଙ୍କ ମୌଳିକ ଦାବି ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକଙ୍କ ସୁରକ୍ଷା , ସମ୍ମାନ ଏବଂ ପେନସନକୁ ନେଇ ଅ।ଜି ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିୟନ୍ ସଭାପତି ତପନ ନାୟକଙ୍କ ନେତୃତ୍ୱରେ ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ କୁମାର ବେଉରାଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓୟୁଜେ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ ଯୋଗ ଦେଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର, ଉପସଭାପତି ସୟଦ ଅନସର ଅଲ୍ଲୀ, ଚନ୍ଦନ କୁମାର ସୁନ୍ଦରାୟ, ଶୁଭଲକ୍ଷ୍ମୀ ସାମନ୍ତରା ଏବଂ ସମସ୍ତ ସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ରହିଥିଲେ । ଅ।ଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ସାମ୍ବାଦିକ ୟୁନିଅନ୍ ଖୋର୍ଦ୍ଧା ଜିଲ୍ଲା ଶାଖା(ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିଅନ୍) ପକ୍ଷରୁ ୩ ଦଫା ଦାବୀ ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ କୁମାର ବେଉରାଙ୍କୁ ପ୍ରଦାନ କରାଯାଇଛି।

# ଲକ୍ଷ୍ମୀପୁର ଦୁଷ୍କର୍ମ ପୀଡିତାଙ୍କୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ଭୁବନେଶ୍ୱର,୧୫।୨ (ମହାଭାରତ):** କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଗଣଦୁଷ୍କର୍ମ ଘଟଣାରେ ବିଜୁ ଜନତା ଦଳର ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟ ମାନେ ଆଜି ପୀଡିତା ଓ ତାଙ୍କ ପରିବାରର ସଦସ୍ୟ ମାନଙ୍କୁ ଭେଟି ସମବେଦନା ଜଣାଇବା ସହିତ ଘଟଣା ସମ୍ବନ୍ଧରେ ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି । ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଆଦିବାସୀ ନାବାଳିକାର ଗଣଦୁଷ୍କର୍ମ ଘଟଣାର ଅନୁଧ୍ୟାନ ପାଇଁ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଆଜି ଲକ୍ଷ୍ମୀପୁର ଯାଇ ପୀଡିତା ଓ ତାଙ୍କ ପରିବାରବର୍ଗଙ୍କୁ ଭେଟିଥିଲା । ଟିମରେ ଦଳର ମହିଳା ସଭାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ, କୋରାପୁଟର ଜିଲ୍ଲା ପରିଷଦ ଅଧ୍ୟକ୍ଷ ସସ୍ମିତା ମେଲକା, ଶ୍ରମତି କୌଶଲ୍ୟା ହିକକା, ଶ୍ରୀମତୀ ଅନୁସୟା ମାଝୀ ଇତ୍ୟାଦି ଥିଲେ । ପରିବାରବର୍ଗକୁ ସମବେଦନା ଜଣାଇବା ସହିତ ଏହି ହୃଦୟ ବିଦାରକ ଘଟଣାକୁ ସମ୍ମୁଖୀନ ହେବା ପାଇଁ ବିଜୁ ଜନତା ଦଳ ପରିବାର ସହିତ ସବୁବେଳେ ଛିଡା ହୋଇ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପୀଡ଼ିତାଙ୍କୁ ଭେଟିବା ପରେ, ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ପୀଡିତାଙ୍କ ସ୍ୱାସ୍ଥ୍ୟ ଓ ମାନସିକ ଅବସ୍ଥା ଭଲ ନାହିଁ ଓ ସେ ଏବେ ଚିକିତ୍ସାଧୀନ ଅଛନ୍ତି । ତେଣୁ, ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିବା ସହିତ ତାଙ୍କର ଉପଯୁକ୍ତ ଚିକିତ୍ସା ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରନ୍ତୁ । ସେ ଆହୁରି କହିଥିଲେ, ରାଜ୍ୟରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ବିଶେଷକରି ଆଦିବାସୀ ଓ ଦଳିତ ମାନଙ୍କ ଉପରେ ପ୍ରତିଦିନ ଘଟୁଛି । ରାଜ୍ୟରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟରତ ଥିବା ବେଳେ ଆଦିବାସୀ ବାଳିକା ମାନଙ୍କ ଉପରେ ଏପରି ଘଟଣା ମାନ ଘଟିବା ଚିନ୍ତାଜନକ ହୋଇ ପଡିଛି ବୋଲି ଶ୍ରୀମତୀ ଛୁରିଆ କହିଥିଲେ । ଦୁଃଖ ଓ ପରିତାପର ବିଷୟ, ଏହି ଭଳି ଘଟଣାକୁ କିପରି ରୋକାଯାଇ ପାରିବ ସେ ନେଇ ସରକାରଙ୍କ

# ସୋଆ ପ୍ରଫେସରଙ୍କ ଉଦ୍ଭାବନକୁ ଆମେରିକୀୟ ପ୍ୟାଟେଂଟ ମିଳିଲା

**ଭୁବନେଶ୍ୱର,୧୫।୨ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କ ଦ୍ୱାରା ମୁଖ ଗହ୍ୱର ରୋଗ ନିର୍ଣ୍ଣୟ ନିମନ୍ତେ ଉଦ୍ଭାବନ କରାଯାଇଥିବା ଏକ ଯନ୍ତ୍ରକୁ ଯୁକ୍ତରାଷ୍ଟ୍ର ଆମେରିକାର ପ୍ୟାଟେଂଟ ମିଳିଛି। ଏହି ଯନ୍ତ୍ର ବ୍ୟବହାର ଦ୍ୱାରା ମୁଖ ଗହ୍ୱର ରୋଗ ନିର୍ଣ୍ଣୟ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସିପାରେ ବୋଲି କୁହାଯାଉଛି।

ଏକ କଲମ ପରି ଦେଖାଯାଉଥିବା ଏହି ଯନ୍ତ୍ର ବାୟୋପ୍ସି ପଦ୍ଧତିର ସରଳୀକରଣ କରିବା ସହ ଏଥିରେ ଟେଲି ସ୍କ୍ରିନିଂ ତଥା ଫାଇବର ଅପଟିକ୍ ଲାଇଟର ବ୍ୟବସ୍ଥା ଅଛି। ଏହି ଯନ୍ତ୍ରର ଉଦ୍ଭାବକ ହେଉଛନ୍ତି ସୋଆ ବିଶ୍ୱବିଦ୍ୟାଳୟର ଉପକୁଳପତି (ଗବେଷଣା ଓ ସହଯୋଗ) ପ୍ରଫେସର (ଡକ୍ଟର) ନୀତା ମହାନ୍ତି।



ପ୍ରଫେସର (ଡକ୍ଟର) ମହାନ୍ତି ପୂର୍ବରୁ ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍ସେସ୍ର ଡିନ୍ ଭାବେ କାର୍ଯ୍ୟ କରିଛନ୍ତି। ସେ କହିଛନ୍ତି ଯେ ବାୟୋପ୍ସି ଦ୍ୱାରା ହିଁ ରୋଗ ନିର୍ଦ୍ଧାରଣ ହେବା ଅତ୍ୟନ୍ତ ଅବଶ୍ୟକ ମାତ୍ର ଏହି ପଦ୍ଧତି ଠିକ୍ ଭାବେ ଅନୁସୃତ ନ ହେଲେ ଏହା ରୋଗ ନିର୍ଦ୍ଧାରଣରେ ଭ୍ରମ ସୃଷ୍ଟି କରିପାରେ ଏବଂ ରୋଗୀର ଜୀବନ ପ୍ରତି ବିପଦ ଘଟିପାରେ।

ପ୍ରଫେସର (ଡକ୍ଟର) ମହାନ୍ତି କହିଛନ୍ତି ଯେ ପୂର୍ବରୁ ଏହି ଉଦ୍ଭାବନ ନିମନ୍ତେ ସେ ଦୁଇଟି ଭାରତୀୟ ପାଟେଂଟ ନିମନ୍ତେ ଆବେଦନ କରିଥିଲେ ଏବଂ ତାହା ଯଥାକ୍ରମେ ୨୦୨୩ ଓ ୨୦୨୪ ମସିହାରେ ମଞ୍ଜୁରୀ ପାଇଥିଲା। ଏହା ନିମନ୍ତେ ୨୦୧୯ ମସିହାରେ ତାଙ୍କୁ ଡିଜାଇନ୍ ପ୍ୟାଟେଂଟ ମିଳିଥିଲା। ସେ ୨୦୧୯ ମସିହାରେ ଶେଷ ଭାଗରେ ଆମେରିକାର ପ୍ୟାଟେଂଟ ନିମନ୍ତେ ଆବେଦନ କରିଥିଲେ ଓ ଏହା ନିକଟରେ ତାଙ୍କୁ ମିଳିଛି। ଏହି ଉଦ୍ଭାବନକୁ ୨୦୨୧ ମସିହାରେ ଗ୍ଲୋବାଲ୍ ଆଉଟରିଚ୍ ସେଂଟ୍ରାଲ୍ ଇନୋଭେସନ୍ ପୁରସ୍କାର ମିଳିଥିଲା ଏବଂ ଓଡ଼ିଶା ସରକାରଙ୍କ ସାଇନ୍ସ ଆଣ୍ଡ ଟେକ୍ନୋଲଜି ବିଭାଗ ପକ୍ଷରୁ ଏହାକୁ ଗତବର୍ଷ ନୂଆଦିଲ୍ଲୀ ଠାରେ ଗ୍ଲୋବାଲ୍ ବାୟୋ-ଇଣ୍ଡିଆ କାର୍ଯ୍ୟକ୍ରମରେ ପ୍ରଦର୍ଶନ କରାଯାଇଥିଲା।

# ଚିଲିକା ଉପରେ ପ୍ରସ୍ତାବିତ ଉପକୂଳ ରାଜପଥକୁ ବିରୋଧ

**ଭୁବନେଶ୍ୱର,୧୫।୨ (ମହାଭାରତ):** ଭାରତ ସରକାରଙ୍କ ସାଗରମାଳା ପ୍ରକଳ୍ପ ଅଧୀନରେ ଚିଲିକା ହ୍ରଦ ଉପରେ ପ୍ରସ୍ତାବିତ ୩.୪ କିମି ପୋଲ ନିର୍ମାଣକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ଏହି ପୋଲ ନିର୍ମାଣ ହେଲେ ଚିଲିକାର ପ୍ରାକୃତିକ ପର୍ଯ୍ୟକ୍ଷବରଣ ଓ ଜୈବ ବିବିଧତା ନଷ୍ଟ ହେବା ସହିତ ସ୍ଥାନୀୟ ବାସିନ୍ଦାଙ୍କ ଜୀବନ ଜୀବିକା କ୍ଷେତ୍ରରେ ଗଭୀର ପ୍ରଭାବ ପଡ଼ିବ ବୋଲି ଆଜି ଭୁବନେଶ୍ୱର ସ୍ଥିତ ଉତ୍କଳ ସାମ୍ବାଦିକ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପରିବେଶ ସମିତି, ମହାନଦୀ ବଞ୍ଚାଅ ଆନ୍ଦୋଳନ, ଚିଲିକା ବଞ୍ଚାଅ ଅଭିଯାନ, ଦୟା ସୁରକ୍ଷା ଅଭିଯାନର ନେତୃତ୍ୱ ତଥା ବୁଦ୍ଧିଜୀବୀ ମାନେ ଚେତାବନୀ ଦେବା ସହିତ ସରକାରଙ୍କ ପାଖରେ ବିକଳ୍ପ ପ୍ରସ୍ତାବ ମଧ ରଖିଛନ୍ତି। ସରକାର ଯଦି ପ୍ରସ୍ତାବିତ ପୋଲ ନିର୍ମାଣ କାର୍ଯ୍ୟରୁ କ୍ଷାନ୍ତ ନହୁଅନ୍ତି ତେବେ ବ୍ୟାପକ ଜନ ଆନ୍ଦୋଳନ ଗଢି ତୋଳିବା ପାଇଁ ମଧ ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପରିବେଶ ସଚିବ ଅରବିନ୍ଦ ବେହେରା, ପରିବେଷବିତ ଜୟକୃଷ୍ଣ ପାଣିଗ୍ରାହୀ, ଲୋକଶକ୍ତି ଅଭିଯାନର ପ୍ରଫୁଲ୍ଲ ସାମନ୍ତରାୟ କହିଥିଲେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଓ ଏନ୍ଏଚଆଇର ଏହି ପ୍ରସ୍ତାବିତ ପୋଲକୁ ନେଇ ଏକ ଚଞ୍ଚକତା ପୂର୍ଣ୍ଣ ଚିଠି ଉପସ୍ଥାପିତ କରାଯାଇଥିଲା। ଏହି ଚିଠିକୁ ଗତ ଫେବୃୟାରୀ ୬ ତାରିଖରେ ଜାତୀୟ ରାଜପଥ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଏକ ଚିଠି ଲେଖିଲେ ଯେଉଁଥିରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଏକ ଆଦେଶନାମା ସଂଲଗ୍ନ କଲେ ଯାହା ସେହି ଫେବୃଆରୀ ୬ ତାରିଖରେ ପ୍ରକାଶ ପାଇଥିଲା।

# ବିଜ୍ଞାନ ପ୍ରତିଭା ପୂଜନ ଉତ୍ସବ ପାଳିତ

**କଟକ,୧୫।୨ (ମହାଭାରତ):** ବିଜ୍ଞାନ ପ୍ରଚାର ସମିତି ସାଲେପୁର ଶାଖା ତରଫରୁ ବିଜ୍ଞାନ ପ୍ରତିଭା ପୂଜନ ଉତ୍ସବ ସାଲେପୁର ନିକଟସ୍ଥ ଜଗନ୍ନାଥ ଗୋପୀନାଥ ଟ୍ରଷ୍ଟ ସଭାଗୃହରେ ସମିତିର ସଭାନେତ୍ରୀ ମେଜର ମଞ୍ଜୁଶ୍ରୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମାନ୍ୟବର ରାଜସ୍ୱ ପରିଷଦ ସଭ୍ୟ ଡଃ. ଅରବିନ୍ଦ ବେହେରା ଉଦ୍‌ଘାଟକ ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଏହି ସମିତିର କାର୍ଯ୍ୟକଳାପର ଭୂୟଶୀ ପ୍ରଶଂସା କରିଥିଲେ । ଅନ୍ୟତମଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପ୍ରଫେସର ଡଃ. ଭାରତୀ ବେହେରା, ମୁଖ୍ୟବକ୍ତା ଭାବେ ଜାତୀୟ କୃଷି ଗବେଷଣା ପରିଷଦ କେନ୍ଦ୍ରୀୟ ମଧୁର ଜଳଜୀବ ବିକାଶ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡଃ. ପ୍ରମୋଦ କୁମାର ସାହୁ ଯୋଗ ଦେଇଥିଲେ । ଚଳିତ ବର୍ଷ ସମିତି ପକ୍ଷରୁ ଡଃ. ଗଜେନ୍ଦ୍ରନାଥ ମିତ୍ର ସ୍ମୃତି ସମ୍ମାନରେ ଡଃ. ପ୍ରମୋଦ କୁମାର ସାହୁଙ୍କୁ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମିତିର ପ୍ରତିଷ୍ଠାତା ସୁକାନ୍ତ କିଶୋର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଉପସଭାପତି ବିପିନି ବିହାରୀ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମିତିର ସଂପାଦକ ମହେଶ ଚନ୍ଦ୍ର କର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସମିତିର ଯୁଗ୍ମ ସଂପାଦକ ଦିବାକର ପ୍ରଧାନ, ଡଃ. ପ୍ରଭାତ କିଶୋର ନାୟକ, ଶାରଦା ପ୍ରସାଦ ରଥ, ତାପସ ରଂଜନ ତ୍ରିପାଠୀ, ପୁରସ୍ତମ ବେହେରା, ଶାନ୍ତିଲତା ଶତପଥି, ଜୟନ୍ତୀ ମହାନ୍ତି, ସନ୍ଦିପନୀ କର, ପ୍ରତାପ ଜେନା, ହରେକୃଷ୍ଣ ସାମଲ, ସେବତୀ ବେହେରା, ପ୍ରମୁଖଙ୍କ ସମେତ ସମିତିର ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ। ପରିଶେଷରେ ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ. ଉମେଶ ଚନ୍ଦ୍ର ପତି ଧନ୍ୟବାଦ ପ୍ରଦାନ କରିଥିଲେ।



## ନୂଆ ଅବକାରୀ ନୀତି ୨୦୨୫-୨୬ ପାଇଁ ପ୍ରସ୍ତୁତି ବୈଠକ

# ବିଷାକ୍ତ ମଦ କାରବାର ରୋକିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୫।୨ (ମହାଭାରତ):** ରାଜ୍ୟରେ ନୂଆ ଅବକାରୀ ନୀତି ୨୦୨୫-୨୬ ପାଇଁ ଏକ ପ୍ରସ୍ତୁତି ବୈଠକ ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ରାଜ୍ୟ ସରକାର ସବୁବେଳେ ସାଧାରଣ ଲୋକଙ୍କ ଜୀବନ ଓ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ କିମ୍ବା ଅସୁସ୍ଥତାକୁ ସରକାର କୌଣସି ପରିସ୍ଥିତିରେ ଗ୍ରହଣ କରିପାରିବେ ନାହିଁ। ଏହିଭଳି ବେଆଇନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିସମୂହଙ୍କୁ କଡ଼ା ଦଣ୍ଡବିଧାନ ରାଜ୍ୟ ସରକାରଙ୍କ ପ୍ରାଥମିକତା ରହିଛି। ଏହି କ୍ରମରେ ସ୍ଥାନୀୟ ଫର୍ଚ୍ୟୁୟନ୍ ଟାୱାରସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅବକାରୀ ନୀତି ୨୦୨୫-୨୬ ପ୍ରସ୍ତୁତି ବୈଠକରେ ଅନ୍ତର୍ଜାତୀୟ ସ୍ପିରିଟ ଆଣ୍ଡ ୱାଇନ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ପ୍ରତିନିଧି ମଣ୍ଡଳି, ମଦ ପ୍ରସ୍ତୁତି ସଂଘର ସିଇଓ, ବିଦେଶୀ ମଦ ବିକ୍ରୟ ସଂଘର ପ୍ରତିନିଧି, ହୋଟେଲ ଓ ରେଷ୍ଟୁରା ସଂଘର କର୍ମକର୍ତ୍ତା, ଦେଶୀ ମଦ ଦୋକାନୀସମୂହ, ଇଥାନେଲ ଓ ମିଥାନେଲ୍ ପ୍ରସ୍ତୁତକାରୀଙ୍କ ସମେତ ପ।ୟତିରାଜ, ଶିଳ୍ପ, ପର୍ଯ୍ୟଟନ, ଉଦ୍ୟାନ କୃଷି ଏବଂ ଅର୍ଥ ବିଭାଗର ନୋଡ଼ାଲ ଅଧିକାରୀମାନଙ୍କୁ ନେଇ ବିଭିନ୍ନ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକ ସଶକ୍ତ ଇକୋସିଷ୍ଟମ୍ ବିକଶିତ କରି ଦାୟିତ୍ୱପୂର୍ଣ୍ଣ ମଦ୍ୟପାନକୁ ଗୁରୁତ୍ୱ ଦିଆଯିବା, ସମସ୍ତଙ୍କ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ, ରାଜସ୍ୱହାନି ହ୍ରାସ ନେଇ ବୈଠକରେ ଅଂଶୀଦାରମାନଙ୍କ ସହ ଆଲୋଚନା ହୋଇଥିଲା। ଏଥିସହିତ ଦେଶୀ ଓ ବିଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି, ମୂଲ୍ୟ ନିର୍ଦ୍ଧାରଣ, ଟିକସ ଢାଞ୍ଚାର ନବୀକରଣ, ବିଭିନ୍ନ ବିଭାଗ ସହ ସମନ୍ୱୟ, ସଡ଼କ ସୁରକ୍ଷା, ହୋଟେଲ ଶିଳ୍ପ, ବେଆଇନ ମଦକାରବାରରୁ ଦୂରେଇ ରଖିବା ନିମନ୍ତେ ନୂଆ ଜୀବନଜୀବିକା ସୃଷ୍ଟି ପାଇଁ କ'ଣସବୁ ପଦକ୍ଷେପ ନିଆଯାଇପାରିବ ସେଥିନେଇ ଆଲୋଚନା ହୋଇଥିଲା। ବୈଠକରେ ଅବକାରୀ କମିଶନର ନରସିଂହ ଭୋଲ, ଓଏସ୍‌ବିସି ଏମ୍ଡ଼ି ଅମ୍ବର କର, ସିଜିଏମ୍ ମାନସ ସ୍ୱାଇଁ, ଜିଏମ୍ ସଞ୍ଜୟ ରାଉତଙ୍କ ସମେତ ବିଭିନ୍ନ ବିଭାଗର ନୋଡ଼ାଲ ଅଧିକାରୀ ଓ ଅଂଶୀଦାରମାନଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



## ଆଞ୍ଚଳିକ ଦଳର ପ୍ରଭାବ

ଉତ୍ତରାଧିକାରୀ ସୂତ୍ରରେ ଉଦୟନିଧି ଷ୍ଟାଲିନ ଡିଏମକେର ନେତା ସାଜିଛନ୍ତି ଏବଂ ମନ୍ତ୍ରୀ ହୋଇଛନ୍ତି। କିନ୍ତୁ ଜଣେ ବିଧାୟକ ହେବାକୁ ତାଙ୍କର ଯୋଗ୍ୟତା ନାହିଁ। ଅଳ୍ପ ବୁଦ୍ଧି ଭୟଙ୍କର ଭଳି ସେ ନିଜକୁ ଧର୍ମନିରପେକ୍ଷ ବୋଲି ଦେଖାଇ ହେବାକୁ ଏଭଳି କହିଛନ୍ତି। କିନ୍ତୁ ତାଙ୍କର ସତସାହସ ନାହିଁ ଅନ୍ୟ ଧର୍ମ ସମ୍ପର୍କରେ କିଛି କଟୁ ମନ୍ତବ୍ୟ ଦେବାକୁ। ଏଥିପାଇଁ ତାଙ୍କର ମୁଣ୍ଡ କଟିଯାଇପାରେ। ଭାରତରେ ଧର୍ମନିରପେକ୍ଷତା କହିଲେ ଅନେକ କେବଳ ହିନ୍ଦୁ ଧର୍ମକୁ, ସଂଘ ପରିବାରକୁ ଗାଳି ଦେବା ବୁଝନ୍ତି। କିଛି ତଥାକଥିତ ଧର୍ମନିରପେକ୍ଷ ନେତାଙ୍କର ହିନ୍ଦୁ ଧର୍ମକୁ ନିନ୍ଦା କରିବା ଏକ ଫେସନ ହୋଇଗଲାଣି। ବାସ୍ତବରେ ସନାତନ ଧର୍ମ ସମ୍ପର୍କରେ ତାଙ୍କର କିଛି ଜ୍ଞାନ ନାହିଁ। ତେଣୁ ସେ ଏଭଳି ମନ୍ତବ୍ୟ ଦେଇଛନ୍ତି। ଏହା ତାଙ୍କର ଧାର୍ମିକ ସଂକୀର୍ଣ୍ଣତାକୁ ପ୍ରମାଣିତ କରୁଛି। ସନାତନ ଧର୍ମ ସମ୍ପର୍କରେ ଜାଣିବାକୁ ହେଲେ ସେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀକୁ ବୁଝିବାକୁ ହେବ, ତାଙ୍କ ରଚିତ ପୁସ୍ତକ ପଢ଼ିବାକୁ ହେବ। ଚିକାଗୋ ଧର୍ମ ମହାସଭାରେ ସ୍ୱାମୀ ବିବେକାନନ୍ଦ ଯେଉଁ ଅଭିଭାଷଣ ପ୍ରଦାନ କରିଥିଲେ ତାହାକୁ ଉଦୟନିଧି ପଢ଼ିବା ଉଚିତ। ଏମ କେ ଷ୍ଟାଲିନ ନିଜ ପୁଅକୁ ନେତା ଭାବେ ଗଢ଼ିବା ପୂର୍ବରୁ ତାଙ୍କୁ ଭାରତୀୟ ସଭ୍ୟତା, ସଂସ୍କୃତି, ଆଚାର ବ୍ୟବହାର ସମ୍ପର୍କରେ ଶିକ୍ଷା ଦେବାର ଥିଲା। କେବଳ ଉଦୟନିଧି ନୁହଁନ୍ତି ଅତୀତରେ ତାମିଲନାଡୁର ଅନେକ ନେତା ଏଭଳି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଷ୍ଟାଲିନଙ୍କ ପିତା ସ୍ୱର୍ଗତ କରୁଣାନିଧି ରାମ ସେତୁକୁ ଭାଙ୍ଗିବା ପାଇଁ ବାରମ୍ବାର ଦାବି କରି ଆସିଛନ୍ତି। ରାମାୟଣକୁ ସେ ଏକ କାଳ୍ପନିକ କାହାଣୀ ବୋଲି କହିଥିଲେ ଏବଂ ରାମ ସେତୁ ନିର୍ମାଣ ମିଛ ବୋଲି କହିଥିଲେ। ଏଭଳି ଅନେକ ଉଦାହରଣ ରହିଛି ଯାହା ତାମିଲ ନେତାଙ୍କ ସଂକୀର୍ଣ୍ଣ ଚିନ୍ତାଧାରା ଏବଂ ଭାରତୀୟ ସଂସ୍କୃତି ବିରୋଧୀ ଆଭିମୁଖ୍ୟକୁ ପ୍ରମାଣିତ କରିଆସୁଛି। ତାମିଲମାନେ ନିଜକୁ ଦ୍ରାବିଡ଼ ବୋଲି ପରିଚୟ ପ୍ରଦାନ କରି ଗର୍ବ ଅନୁଭବ କରନ୍ତି। ଉତ୍ତର ଭାରତୀୟଙ୍କୁ ସେମାନେ ଅନୁପ୍ରବେଶକାରୀ ବୋଲି କହନ୍ତି। ସେମାନଙ୍କ ମତରେ ଆର୍ଯ୍ୟମାନେ କାସ୍ପିଆନ ହ୍ରଦ କୂଳରୁ ଆସି ଭାରତକୁ ଦଖଲ କରିଛନ୍ତି ଏବଂ ମୂଳ ଭାରତୀୟ ଅର୍ଥାତ ଦ୍ରାବିଡ଼ ମାନଙ୍କୁ ଦକ୍ଷିଣ ଭାରତକୁ ଠେଲି ଦେଇଛନ୍ତି। ସେମାନଙ୍କ ମତ କେତେ ସତ କେତେ ମିଛ ତାହା ଭିନ୍ନ କଥା, କିନ୍ତୁ କିଛି ଐତିହାସିକଙ୍କ ମତକୁ ସେମାନେ ଅନ୍ଧ ଭଳି ବିଶ୍ୱାସ କରି ଆସୁଛନ୍ତି। ଭାରତ ସ୍ୱାଧୀନ ହେବା ପରେ ତାମିଲନାଡୁର କିଛି ନେତା ଭାରତରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଲାଗି ଇଚ୍ଛା ପ୍ରକାଶ କରିଥିଲେ। ଏଥିପାଇଁ ଆନ୍ଦୋଳନ ମଧ୍ୟ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହା ଦବି ଯାଇଥିଲା। କିନ୍ତୁ ଏବେ ବି ତାମିଲନାଡୁରେ ବିଚ୍ଛିନ୍ନତାବାଦ ସୁପ୍ତ ଅବସ୍ଥାରେ ରହିଛି। କାଶ୍ମୀର ଭଳି ଏଠାରେ ମଧ୍ୟ ଅନେକ ଭାରତ ବିରୋଧୀ ଅଛନ୍ତି। ଉଦୟନିଧିଙ୍କ ବୟାନ ଏହାର କେବଳ ଏକ ଉଦାହରଣ। ସମ୍ବିଧାନରେ ବାକ୍ ସ୍ୱାଧୀନତାକୁ ନାଗରିକର ଏକ ମୌଳିକ ଅଧିକାର ଭାବେ ଦର୍ଶାଯାଇଛି। ସମସ୍ତଙ୍କର ନିଜସ୍ୱ ମତ ଉପସ୍ଥାପନ କରିବାର ସ୍ୱାଧୀନତା ରହିଛି। କିନ୍ତୁ ଯେଉଁ ବାକ୍ ସ୍ୱାଧୀନତା ଅନ୍ୟର ଭାବନାକୁ ଆଘାତ ଦେବ, ସମାଜରେ ଆନ୍ତି ଏବଂ ବିଶୃଙ୍ଖଳାକୁ ପ୍ରଶ୍ରୟ ଦେବ ତାହା ଗ୍ରହଣୀୟ ନୁହେଁ ଏବଂ ଏହା ଆଇନ ଦୃଷ୍ଟିରୁ ଦଣ୍ଡନୀୟ ଅପରାଧ। ଉଦୟନିଧି ଷ୍ଟାଲିନ ଯାହା କହିଛନ୍ତି ତାହା ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଏଥିପାଇଁ ତାଙ୍କ ବିରୋଧରେ ମାମଲା ରୁଜୁ ହେବାର ଯଥାର୍ଥତା ରହିଛି। ଏହାକୁ ନିର୍ବାଚନ ନିର୍ବାଚନ କମିଶନ ହେଟ୍ ସ୍ପିଚ ଭାବେ ମଧ୍ୟ ଗ୍ରହଣ କରିବା ଉଚିତ। ତାମିଲନାଡୁରେ ଆଞ୍ଚଳିକ ଦଳର ପ୍ରଭାବ ବୃଦ୍ଧି ଏବଂ ଜାତୀୟ ଦଳ ଗୁଡ଼ିକ ଶକ୍ତିହୀନ ହେବାର ଏହା ହେଉଛି ପରିଣାମ। ସେଥିପାଇଁ ଅନେକ ଆଞ୍ଚଳିକ ଦଳର ପ୍ରଭାବ ବୃଦ୍ଧି ଏକ ଉଦବେଗର ବିଷୟ ବୋଲି ମତବ୍ୟକ୍ତ କରନ୍ତି।

# ଚୀନର ବିସ୍ତାରବାଦୀ ନୀତି

॥ ଡ.ସମନ୍ୱୟ ନନ୍ଦ ॥

*“;ଚଳିତ ଥର ଚୀନର କାଳ୍ପନିକ ମାନଚିତ୍ରକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟର ପ୍ରତିକ୍ରିୟା ପରେ ଭାରତର ବୈଦେଶିକ ମନ୍ତ୍ରୀ ଡ. ଏସ ଜୟଶଙ୍କର ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି । ସେ ତାଙ୍କର ପ୍ରତିକ୍ରିୟାରେ ଚୀନର ଭାରତୀୟ ଅଂଚଳ ଉପରେ ଦାବିକୁ ‘ଆବସର୍ଡ କ୍ଲେମ’ ବୋଲି କହିଛନ୍ତି । କୂଟନୀତିଜ୍ଞ ମାନେ ସାଧାରଣ ଭାବେ ଆବସର୍ଡ ଶବ୍ଦ ସାଧାରଣତଃ ବ୍ୟବହାର କରି ନଥାନ୍ତି । ହେଲେ ଏଥର ଏହି ଶବ୍ଦକୁ ଭାରତର ବୈଦେଶିକ ମନ୍ତ୍ରୀ ବ୍ୟବହାର କରିଛନ୍ତି । ତେଣୁ ଚୀନକୁ କଡା ଭାଷାରେ କୂଟନୈତିକ ଜବାବ ଦିଆଯାଇଛି ।*

ଭାରତରେ ଜି-୨୦ ଦେଶର ମାନଙ୍କର ଶିଖର ସମ୍ମିଳନୀ ହେବାର ଠିକ ପୂର୍ବରୁ ଚୀନ ତାର ହରକତକୁ ପୁଣି ଥରେ ଦୋହରାଇଛି । ଚୀନ ପୁଣି ଥରେ ଏକ କାଳ୍ପନିକ ମାନଚିତ୍ର ଜାରୀ କରିଛି । ଏହି କାଳ୍ପନିକ ମାନଚିତ୍ରରେ ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚିନକୁ ତାର ବୋଲି ଦର୍ଶାଇଛି । ଚୀନ କମ୍ୟୁନିଷ୍ଟ ପାର୍ଟିର ସରକାରୀ ପ୍ରପାଗଣ୍ଡା କରୁଥିବା ସମ୍ବାଦ ପତ୍ର ଜରିଆରେ ଚୀନ ଏହି କାଳ୍ପନିକ ମାନଚିତ୍ର ଜାରୀ କରିଛି । ଏହି କାଳ୍ପନିକ ମାନଚିତ୍ରରେ ସେ କେବଳ ଭାରତର କିଛି ଅଂଶକୁ ନିଜର ବୋଲି କହି ଦାବି କରି ନାହିଁ ବରଂ ଅନ୍ୟ ଦେଶ ମାନଙ୍କର ଅଂଶ ଗୁଡ଼ିକୁ ମଧ୍ୟ ନିଜର ବୋଲି ଦାବି କରିଛି ।

ଚୀନ ଏଭଳି ହରକତ ପ୍ରଥମ ଥର ପାଇଁ କରିଛି ତାହା ନୁହେଁ । ଚୀନ ଉପରେ ନଜର ରଖୁଥିବା ଲୋକ ମାନେ ଭଲ ଭାବେ ଜାଣନ୍ତି ଏହା କମ୍ୟୁନିଷ୍ଟ ଚୀନର ପୁରୁଣା ରଣନୀତି । ଚୀନ ପୂର୍ବରୁ ବାରମ୍ବାର ମଝିରେ ମଝିରେ ଏଭଳି ମାନଚିତ୍ର ମାନ ଜାରୀ କରି ଅନ୍ୟ ଦେଶର ଅଂଶ ଗୁଡ଼ିକୁ ନିଜର ବୋଲି ଦାବି କରିଥାଏ ।

ଚୀନ ଉପରେ ମାଓଙ୍କ ଲାଲ ସେନାର କବଜା ହେବା ପରେ ହିଁ ଚୀନ ତାର ରଙ୍ଗ ଦେଖାଇବା ଆରମ୍ଭ କରିଥିଲା । ଚୀନ ପ୍ରଥମେ ତିବତକୁ ହଡପ କରି ନେଇଥିଲା । ତିବତକୁ ଜୋର ଜବରଦସ୍ତି ଅଧିକାର କରିବା ବେଳେ ଭାରତକୁ ଏହାର ବିରୋଧ କରିବାର ଥିଲା। କାରଣ ସୁରକ୍ଷା ଦୃଷ୍ଟିରୁ ତିବତ ସ୍ୱାଧୀନ ହୋଇ ରହିବା ଭାରତ ପାଇଁ ଜରୁରୀ ଥିଲା । ମାତ୍ର ସେତେବେଳର ଭାରତର ନେତୃତ୍ୱ ଚୀନର ବିରୋଧ କରିବା ପରିବର୍ତ୍ତେ ତିବତକୁ ଚୀନ ହାତରେ ଟେକି ଦେଇଥିଲେ ।

ଏହା ପରେ ମାଓ ତିବତକୁ ଚୀନର ପାପୁଲି ବୋଲି କହିବା ସହ ଏହାର ପାଂଚଟି ଆଙ୍ଗୁଳି ରହିଛି ବୋଲି କହିଥିଲେ । ଏହି ପାଂଚଟି ଆଙ୍ଗୁଳି ହେଲା ଲଦାଖ, ଭୁଟାନ, ନେପାଳ, ସିକିମ ଓ ନେଫା (ବର୍ତ୍ତମାନର ଅରୁଣାଚଳ ପ୍ରଦେଶ) । ତେଣୁ ସେତେବେଳ ଠାରୁ ହିଁ ଚୀନ ତାର ଅସଲ ରୂପ ଦେଖାଇ ଥିଲା ।

ଏହା ପରେ ମଧ୍ୟ ବିଭିନ୍ନ ସମୟରେ ଚୀନ ଏଭଳି କାଳ୍ପନିକ ମାନଚିତ୍ର ମାନ ଜାରୀ କରେ ଓ ବିଭିନ୍ନ ଦେଶର ଅଂଚଳ ଗୁଡ଼ିକୁ ନିଜର ବୋଲି ଦାବି କରେ । କେବଳ ଭାରତର ହିଁ ତାର ପଡୋଶୀ ଅନ୍ୟ ସମସ୍ତ ଦେଶ ମାନଙ୍କ ବିଭିନ୍ନ ଅଂଚଳ ଗୁଡ଼ିକୁ ମଧ୍ୟ ସେ ନିଜର ବୋଲି ଦାବି କରେ । ତେଣୁ ପ୍ରଥମ ଥର ପାଇଁ ଚୀନ ଏଭଳି ହରକତ କରି ନାହିଁ। ଏଭଳି କରିବା ଚୀନର ପୁରୁଣା ଅଭ୍ୟାସ ରହିଛି ।

ଭାରତ ସରକାର ଚୀନର ଏହି ହରକତର କଡା ଜବାବ ଦେଇଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ଏହି ମାନଚିତ୍ରକୁ ଅସ୍ୱୀକାର କରି ଦେଇଛି ।

ଭାରତ ସରକାର ପୂର୍ବରୁ ମଧ୍ୟ ଏହି ମାମଲାରେ ଏହି ଭଳି ଜବାବ ଦେଉଥିଲା । ଚୀନ ଯେବେ ଯେବେ ଏଭଳି ମାନଚିତ୍ର ଜାରୀ କରେ କିମ୍ବା ଅରୁଣାଚଳ ପ୍ରଦେଶର ଲୋକ ମାନଙ୍କ ପାଇଁ ଷ୍ଟାପଲ୍ଡ ଭିସା ପ୍ରଦାନ କରେ ସେତେବେଳେ ଭାରତ ସରକାର ଏଭଳି ପ୍ରତିକ୍ରିୟା ପ୍ରଦାନ କରିଥାଏ । ଯେଉଁ ଦଳର ସରକାର ଥାଉ ନା କାହିଁକି ଏହି ସମାନ ପ୍ରତିକ୍ରିୟା ରହି ଆସିଛି । ତେବେ ବର୍ତ୍ତମାନ ସରକାରରେ କଣ ବଦଳିଛି ? ବର୍ତ୍ତମାନ ସରକାରରେ ସୀମାବର୍ତ୍ତୀ ଅଂଚଳ ମାନଙ୍କରେ ଭିତିଭୂମିର ସ୍ଥିତି ବଦଳିଛି । ଗତ ୯ ବର୍ଷ ଧରି ତିବତ ସୀମାରେ ରାସ୍ତା, ପୋଲ ଓ ଅନ୍ୟାନ୍ୟ ଭିତିଭୂମି ଜୋରସୋରରେ ନିର୍ମାଣ ଚାଲିଛି । ଭାରତୀୟ ସେନା ଚୀନର ଲାଲ ସେନାକୁ ତାଙ୍କରି ଭାଷାରେ ଜବାବ ଦେଉଛି । ଡୋକଲାମ ହେଉ ବା ଗଲୱାନ ଉପତ୍ୟକା ହେଉ ଏହା ଏବେ ପ୍ରମାଣିତ ହୋଇ ସାରିଛି ।

ଚଳିତ ଥର ଚୀନର କାଳ୍ପନିକ ମାନଚିତ୍ରକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟର ପ୍ରତିକ୍ରିୟା ପରେ ଭାରତର ବୈଦେଶିକ ମନ୍ତ୍ରୀ ଡ. ଏସ ଜୟଶଙ୍କର ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି । ସେ ତାଙ୍କର ପ୍ରତିକ୍ରିୟାରେ ଚୀନର ଭାରତୀୟ ଅଂଚଳ ଉପରେ ଦାବିକୁ ‘ଆବସର୍ଡ କ୍ଲେମ’ ବୋଲି କହିଛନ୍ତି । କୂଟନୀତିଜ୍ଞ ମାନେ ସାଧାରଣ ଭାବେ ଆବସର୍ଡ ଶବ୍ଦ ସାଧାରଣତଃ ବ୍ୟବହାର କରି ନଥାନ୍ତି । ହେଲେ ଏଥର ଏହି ଶବ୍ଦକୁ ଭାରତର ବୈଦେଶିକ ମନ୍ତ୍ରୀ ବ୍ୟବହାର କରିଛନ୍ତି । ତେଣୁ ଚୀନକୁ କଡା ଭାଷାରେ କୂଟନୈତିକ ଜବାବ ଦିଆଯାଇଛି ।

ଚୀନ ହେଉଛି ଏକ ବିସ୍ତାରବାଦୀ ଦେଶ । ଚୀନ ସବୁବେଳେ ତାର ଆଖ ପାଖର ଦେଶ ମାନଙ୍କୁ କବଳିତ କରିବାକୁ ଚେଷ୍ଟା କରିଥାଏ । ଏବେ ମଧ୍ୟ ଯେଉଁ ପିପୁଲ୍ସ ରିପବ୍ଲିକ ଅଫ ଚାଇନା ରହିଛି ସେଥିରେ ଏଭଳି ବେଆଇନ ଭାବେ କବଜା କରିଥିବା ପଡୋଶୀ ଦେଶ ମାନଙ୍କର ଭୂମି ସାମିଲ ରହିଛି ।

ଚୀନ କେବଳ ଯେ ଏହି କାଳ୍ପନିକ ମାନଚିତ୍ରରେ ଭାରତର ଅଂଚଳ ଗୁଡ଼ିକୁ ଦର୍ଶାଇଛି ତା ନୁହେଁ । ସେ ବିଭିନ୍ନ ଦେଶର ବିଭିନ୍ନ ଅଂଚଳ ଗୁଡ଼ିକୁ ମଧ୍ୟ ତାର ବୋଲି ଦର୍ଶାଇଛି । ତେଣୁ କେବଳ ଭାରତ ନୁହେଁ ଏହି ଦେଶ ମାନେ ମଧ୍ୟ ଚୀନର ଏଭଳି କୃତ୍ୟ ପାଇଁ ତାକୁ ବିରୋଧ କରିବା ଆରମ୍ଭ କରି ଦେଇଛନ୍ତି ।

ଏହି ମାନଚିତ୍ରକୁ ନେଇ ଫିଲିପାଇନ୍ସ, ତାଇୱାନ, ମାଲେସିଆ ଓ ଭିଏତନାମ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । କାରଣ ଏହି କାଳ୍ପନିକ ମାନଚିତ୍ରରେ ଚୀନ ଏହି ଦେଶ ମାନଙ୍କର ଅଂଶକୁ ମଧ୍ୟ ନିଜର ବୋଲି ଦର୍ଶାଇଛି ।

ଫିଲିପାଇନ୍ସର ସାମୁଦ୍ରିକ ଅଂଚଳ ଗୁଡ଼ିକୁ ଚୀନ ଏହି କାଳ୍ପନିକ ମାନଚିତ୍ରରେ ନିଜର ବୋଲି ଦାବି କରିଥିଲା । ଫିଲିପାଇନ୍ସ ସରକାରର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଚୀନ ଦ୍ୱାରା ଏହି ଅଂଚଳ ଗୁଡ଼ିକୁ ନିଜର ବୋଲି ଦାବି କରିବା ଆନ୍ତର୍ଜାତିକ ଆଇନର ଉଲ୍ଲଂଘନ ।

ସେହିପରି ଭିଏତନାମର ସ୍ପ୍ରେଟଲି ଓ ପାରାସେଲ ଦ୍ୱୀପ ଓ ତାର ଜଳ କ୍ଷେତ୍ର ଉପରେ ଏହି କାଳ୍ପନିକ ମାନଚିତ୍ର ଜରିଆରେ ଦାବି କରିଛି । ଭିଏତନାମ ସରକାରଙ୍କ ପକ୍ଷରୁ ଏହି ପ୍ରସଙ୍ଗରେ ଚୀନ ବିରୁଦ୍ଧରେ କଡା ପ୍ରତିକ୍ରିୟା ଦିଆଯାଇଛି ଓ ଚୀନର ଦାବିକୁ ଖାରଜ କରାଯାଇଛି । ସେହିପରି ମାଲେସିଆ ପକ୍ଷରୁ ମଧ୍ୟ ଚୀନର ଏଭଳି ଦାବି କୁ ଅଗ୍ରାହ୍ୟ କରାଯାଇଛି ।

ଅନ୍ୟ ଶବ୍ଦରେ କହିବାକୁ ଗଲେ ଚୀନର ଏଭଳି ବିସ୍ତାରବାଦୀ ବ୍ୟବହାରକୁ ନେଇ କେବଳ ଭାରତ ନୁହେଁ ଅନ୍ୟ ଦେଶ ମାନେ ମଧ୍ୟ ସମସ୍ୟାରେ ଅଛନ୍ତି । ସମସ୍ତେ ଚୀନ ବିରୁଦ୍ଧରେ କଡା ମନ୍ତବ୍ୟ ଦେଉଛନ୍ତି । ଚୀନକୁ ସମସ୍ତେ ଶତ୍ରୁ ଭଳି ଦେଖୁଛନ୍ତି ।

ଭାରତ ସ୍ୱାଧୀନ ହେବା ପରେ ଅନେକ ଦେଶ ଆଶା କରୁଥିଲେ ଯେ ଭାରତ ସେମାନଙ୍କର ନେତୃତ୍ୱ ନେବ । ବିଶେଷ ଭାବେ ଦକ୍ଷିଣ ଏସିଆ ଓ ଦକ୍ଷିଣ ପୂର୍ବ ଏସିଆର ଦେଶ ମାନେ ନେତୃତ୍ୱ ପାଇଁ ଭାରତ ଆଡକୁ ଦେଖୁଥିଲେ । କାରଣ ମଧ୍ୟ ସ୍ପଷ୍ଟ ଥିଲା । ଭାରତର ହଜାର ହଜାର ବର୍ଷର ସଭ୍ୟତା ଓ ସଂସ୍କୃତି ରହିଛି । ଦକ୍ଷିଣ ଏସିଆ ଓ ଦକ୍ଷିଣ ପୂର୍ବ ଏସିଆର ଦେଶ ମାନଙ୍କର ସଂସ୍କୃତି ଭାରତରୁ ହିଁ ଯାଇଛି । ତେଣୁ ଭାରତର ନେତୃତ୍ୱକୁ ସେମାନେ ଅନାଇଥିଲେ । ହେଲେ ବୋଧ ହୁଏ ସେତେବେଳର ଭାରତର ରାଜନୈତିକ ବୋଧ ହୁଏ ଏହା ଚାହୁଁ ନଥିଲା । ୧୯୬୨ ମସିହାରେ ଚୀନ ମଧ୍ୟ ଭାରତ ଉପରେ ଆକ୍ରମଣ କରି ଏହି ଦେଶ ମାନଙ୍କୁ ସଂକେତ ଦେଇ ଦେଇଥିଲା ଯେ ଭାରତ ଆଡକୁ ନେତୃତ୍ୱ ପାଇଁ ଯଦି ଚାହୁଁଛ ତାହେଲେ ଭୁଲ କରୁଛ । ମାତ୍ର ବର୍ତ୍ତମାନ ସ୍ଥିତି ବଦଳିଛି । ବର୍ତ୍ତମାନ ଭାରତ ବିଶ୍ୱର ବିକଶିତ ଦେଶ ମାନଙ୍କ ସହ ଆଖିରେ ଆଖି ମିଶାଇ କଥା ବାର୍ତ୍ତା କରୁଛି । ବିଶ୍ୱ ରାଜନୀତିରେ ଭାରତର ପ୍ରଭାବ ବଢ଼ିବାରେ ଲାଗିଛି । ଚୀନର ଏଭଳି କାଳ୍ପନିକ ମାନଚିତ୍ର ଜାରୀ ପ୍ରସଙ୍ଗ ଆଖ ପାଖର ଦେଶ ମାନଙ୍କୁ ଚୀନ ବିରୁଦ୍ଧରେ କରୁଛି । ଏଭଳି ସ୍ଥିତିରେ ଭାରତ ତାର ଭୂମିକାକୁ ବିସ୍ତାର ଦେବା ଉଚିତ । ଭାରତକୁ କେବଳ ଭାରତର ନୁହେଁ ବରଂ ଚୀନର ବିସ୍ତାରବାଦୀ ନୀତିର ଶୀକାର ହେଉଥିବା ଅନ୍ୟ ଦେଶ ମାନଙ୍କର ପ୍ରବକ୍ତା ମଧ୍ୟ ସାଜିବାର ସମୟ ଆସିଛି ।

# ପିତାମାତା - ଚଳନ୍ତି ଦେବତା

॥ ଯଶସ୍ୱିନୀ ପଟ୍ଟନାୟକ ॥

ଭାରତୀୟ ସଂସ୍କୃତିରେ ଏକ ମୂଲ୍ୟବାନ ଉପଦେଶ ରହିଆସିଛି, ତାହାହେଲା ଜ୍ୟେଷ୍ଠାୟ ନମଃ, ଶ୍ରେଷ୍ଠାୟ ନମଃ। ଜ୍ୟେଷ୍ଠ ମାନଙ୍କୁ, ଶ୍ରେଷ୍ଠମାନଙ୍କୁ ନମସ୍କାର। ଯେତେବେଳେ ଯୌଥ ପରିବାରର ସଂସ୍କୃତି ପ୍ରଚଳିତ ଥିଲା ସେତେବେଳେ ଜ୍ୟେଷ୍ଠ ମାନଙ୍କୁ ଜ୍ଞାନ, ଅଭିଜ୍ଞତା ଓ ପ୍ରଜ୍ଞାର ଭଣ୍ଡାର ବୋଲି କନିଷ୍ଠମାନେ ବିଚାର କରୁଥିଲେ। ବାପା, ମାଆ ବଞ୍ଚିଥିବା ବେଳେ ପୁଅମାନେ ଯେତେ ବୟସ୍କ ହୁଅନ୍ତୁ ନା କାହିଁକି ସବୁବେଳେ ଭାବୁଥିଲେ ଯେ ସେମାନେ ତରୁଣ ଓ ସ୍ୱପ୍ନଶୀଳ। କୌଣସି କଥାରେ ସେମାନଙ୍କର ଖାତିର ନଥାଏ କି ଭୟ ନଥାଏ। କାରଣ ତାଙ୍କ ଉପରେ ଛତା ଭଳି ବାପା, ମାଆ ଜଗିଛନ୍ତି। ଗୋଟିଏ ଗୋଟିଏ ଯୌଥ ପରିବାରରେ ଏକାଥରକେ ତିନି/ଚାରି ପୁରୁଷ ଲୋକ ଗୋଟିଏ ଜାଗାରେ ରହୁଥିଲେ। ଯେହେତୁ ବାପା, ମାଆ ଘରେ ଅଛନ୍ତି ତେଣୁ ସେମାନେ ଘର ପ୍ରତି ସେତେ ଯତ୍ନଶୀଳ ହେଉନଥିଲେ। କାଳକ୍ରମେ ଯୌଥ ପରିବାର ଭାଙ୍ଗିବାକୁ ଲାଗିଲା। ଭଉଣୀମାନେ ବାହାହୋଇ ଚାଲିଗଲେ, ଭାଇମାନେ ବିବାହ ହେଲା ପରେ ଭିନ୍ନ ଭିନ୍ନ ହୋଇ ନିଜ ନିଜ ସଂସାର ତୋଳିଲେ। ପ୍ରଶ୍ନ ଉଠିଲା ତେବେ ବାପା, ମାଆ ରହିବେ କେଉଁଠି ? ତେଣୁ ପାଳିକରି ବାପା, ମାଆଙ୍କୁ ଭାଇମାନେ ରଖିବା ଆରମ୍ଭ କଲେ। ପରିବାର ଆହୁରି ଛୋଟ ହୋଇ ଅଣପରିବାରରେ ପରିଣତ ହେଲା। ସ୍ୱାମୀ-ସ୍ତ୍ରୀ, ପୁଅ-ଝିଅ ବା ପୁଅଟି ଆଉ ଝିଅଟିଏ। ତେଣୁ ବୃଦ୍ଧ ପିତା ମାତାଙ୍କ ସମସ୍ୟା ଆହୁରି ବଢ଼ିଲା। ଯେଉଁ ବାପା ଦିନେ ରୋଜଗାରର ମୁଖ୍ୟ ଥିଲେ, ଘରର ମୁଖିଆ ଥିଲେ ବାର୍ଦ୍ଧକ୍ୟଜନିତ କାରଣରୁ ସେହି ସ୍ଥାନରୁ ସେ ଖସି ଆସି ପୁଅ ଉପରେ ସବୁ କଥାରେ ନିର୍ଭରଶୀଳ ହେଲେ। କ୍ୱଚିତ୍ ପରିବାରରେ ପୁଅର ନିଷ୍ପତ୍ତି କ୍ରମେ ଘରେ ଚାଲେ। ଅନ୍ୟ କ୍ଷେତ୍ରରେ ସ୍ତ୍ରୀମାନେ ହିଁ ରୋଜଗାର ଥାଉକି ନଥାଉ, ଘରର ମଙ୍ଗୁଆଳ ସାଜିଲେ। ତାଙ୍କ କଥାକୁ ସ୍ୱାମୀ ଯଦି ସାମାନ୍ୟତମ ବ୍ୟତିକ୍ରମ ଘଟାନ୍ତି ତେବେ କଥା ସରିଗଲା। ଅଶାନ୍ତିର ବହ୍ନିରେ ଘର ଜଳିଉଠେ। ପରିଶେଷରେ ରାଗ ସୁଝାଯାଏ ବୃଦ୍ଧ ବାପା, ମାଆଙ୍କ ଉପରେ। ଖାଦ୍ୟପେୟ, ବାର୍ଦ୍ଧକ୍ୟଜନିତ ରୋଗର ଉପଶମରେ ଅବହେଳା, କଟୁକ୍ତି, କଟାକ୍ଷ ସମେତ ଶାରୀରିକ ନିର୍ଯାତନା ଆଦି କୌଶଳ ଅବଲମ୍ବନକରି ସେମାନଙ୍କୁ ଅପେକ୍ଷା କରାଯାଏ। ଯେଉଁ ଘର ନିଜ ଅର୍ଥବଳ ଓ ବାହୁବଳରେ ବାପା, ମାଆ ତିଆରି କରିଥିଲେ, ପ୍ରଚୁର ଅର୍ଥ ବ୍ୟୟ କରି ପିଲାମାନଙ୍କୁ ବହୁ ଯତ୍ନ ସହକାରେ ପାଠ ପଢ଼ାଇ ମଣିଷ କରାଇଥିଲେ ସେହି ଘରେ ସେମାନେ ଅଲୋଡ଼ା ହୋଇପଡ଼ନ୍ତି। ଅଧିକାଂଶ ସ୍ଥାନରେ ଏସବୁ ଦେଖି ସହି ନପାରୁଥିବା ପୁଅଟି ଚୁପ୍ ହୋଇ ରହିବାକୁ ବାଧ ହୁଏ। ଯେଉଁ ଦାଣ୍ଡ ଦୁଆରେ ବାପା ଘର ଜଗିବା ପାଇଁ କୁକୁର ବାନ୍ଧୁଥିଲେ ସେହି ଦୁଆରେ ଆରାମ ଚୌକି ଖଣ୍ଡିଏ ପକେଇଦେଇ ବାପାଙ୍କୁ ବସେଇ ଦିଆଯାଏ। ବାପା ଦିଶନ୍ତି ସତେ ଯେପରି ଏକ ପ୍ରଶ୍ନବାଚୀ ଚିହ୍ନ ପରି। କଥାବର୍ତ୍ତା ଖୁବ୍ କମ୍, ମନରେ ଅସୁମାରୀ ସ୍ମୃତିଚାରଣ, ସଫଳତା ଓ ବିଫଳତାର ହିସାବ ଆଉ ମୃତ୍ୟୁକୁ ଅପେକ୍ଷା। ଘରେ ମା’ବୁଢ଼ୀ ସତେକି ଗୋଟିଏ ସୋଫା ସେଟ, ଗୋଟେ ଫ୍ରିଜ୍, ଗୋଟେ ପୁରୁଣା ଡ଼ବଲ ବା କୌଣସି ଅବ୍ୟବହୃତ ଆସବାବ ପରି ଘରର ଗୋଟିଏ କଣରେ ପଡ଼ି ରହିଥାନ୍ତି। ତେଣୁ ବାର୍ଦ୍ଧକ୍ୟ ଏକ ଅଭିଶାପ ନା ଏକ ଆଶୀର୍ବାଦ ? ଏ ପ୍ରଶ୍ନ ଅନେକଙ୍କୁ ଅନେକ ସମୟରେ ଘାରିଥାଏ। କିନ୍ତୁ ବାର୍ଦ୍ଧକ୍ୟ ଯେ ଅନିବାର୍ଯ୍ୟ ତାହାକୁ ଆମେ ସ୍ୱୀକାର କରିବାକୁ ପଡ଼ିବ। ଖାଲି ବାର୍ଦ୍ଧକ୍ୟ ନୁହେଁ, ବାର୍ଦ୍ଧକ୍ୟ ସହିତ ନିର୍ଜନତା, ରୋଗ ବୈରାଗ୍ୟ, ସାମାଜିକ ବିଚ୍ଛିନ୍ନତା, ଅନ୍ୟାଶ୍ରିତ ଅବସ୍ଥା ଓ ସର୍ବୋପରି ସ୍ମୃତି ଦହନର ଜ୍ୱାଳା, ପାରିବାରିକ ଅବହେଳା ଆଦି ସହିବାକୁ ପଡ଼ିବ।

ଯଦି ସନ୍ତାନମାନେ ନିଜକୁ କିଛି ପ୍ରଶ୍ନ ପଚାରନ୍ତେ, ତେବେ ଏ ସମସ୍ୟା ଅନେକାଂଶରେ ସମାଧିକ ନହେଲେ ମଧ୍ୟ ବୃଦ୍ଧ ପିତାମାତାଙ୍କୁ ସାନ୍ତ୍ୱନା ଦେବାରେ ସହାୟକ ହୁଅନ୍ତା। ତାହା ହେଲା ଆମେ କାହିଁକି ଭୁଲିଯାଉଛୁ ଯେ ଆମେ ଯଦି ଏ ସଂସାରରେ ଏପରି ବଞ୍ଚିଛୁ ତାହାରି ମୂଳରେ ଆମ ପିତାମାତା। କାହିଁକି ଆମେ ଭୁଲିଯାଉଛୁ ଆମେ ଯଦି ଆଜି ଉଚ୍ଚଶିକ୍ଷିତ ହେଇଛୁ ତାହାରି ପଛରେ କେବଳ ବାପ ମାଆ। କାହିଁକି ଆମେ ଭୁଲିଯାଉଛୁ ସେ ଆମର ସମସ୍ତ ରୋଗ ବୈରାଗ୍ୟରୁ ଆମକୁ ମୁକ୍ତ କରି ଏ ସଂସାରରେ ବଞ୍ଚାଇଛନ୍ତି ସେମାନେ ହେଲେ ଆମର ବାପାମାଆ। ଆମକୁ ଯଦି ପ୍ରଥମେ ହାତ ଧରି କିଏ ଚାଲି ଶିଖେଇଛନ୍ତି, ପାଟିରେ ଦାନାଦେବା ଶିଖେଇଛନ୍ତି ସିଏ ହେଲେ ଆମ ବାପା ମାଆ। ପିଲା ଥିଲାବେଳେ ସିନା ଜାଣିପାରୁ ନଥିଲୁ, କିନ୍ତୁ ଏବେ ଯେତେବେଳେ ସମୟ ଆସିଛି, ଜାଣି ପାରୁଛୁ ସେତେବେଳେ ସେମାନଙ୍କ ଠାରୁ ପାଇଥିବା ନିସ୍ୱାର୍ଥପର ସ୍ନେହ, ଶ୍ରଦ୍ଧା, ଆଦର ଓ ଯତ୍ନକୁ ଫେରାଇବା ତ ସମ୍ଭବପର ନୁହେଁ, ତାହାର ପ୍ରତିବଦଳରେ କିଞ୍ଚିତ ଯଦି ଫେରାଇପାରନ୍ତେ ତାହା ସେମାନଙ୍କ ପାଇଁ ବହୁ ଆଶ୍ୱାସନାର କଥା ହୋଇପାରନ୍ତା। କିନ୍ତୁ ଏ କଥା ସେମାନଙ୍କୁ ମାନିବାକୁ ପଡ଼ିବ ଯେ ପିଲାମାନେ ପଚାରନ୍ତୁ ବା ନପଚାରନ୍ତୁ ବାପା ମାଆଙ୍କ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେମାନେ ସନ୍ତାନମାନଙ୍କୁ ମଙ୍ଗଳ ହିଁ ମଙ୍ଗଳ କାମନା କରନ୍ତି। ତେଣୁ ବୃଦ୍ଧ ପିତା ମାତାଙ୍କୁ ବୋଝ ବୋଲି ବିଚାର ନକରି ଜୀବନରେ ଆଶାର ଝଲକ ବୋଲି ଭାବିଲେ ଉଭୟ ପକ୍ଷର ମଙ୍ଗଳ ହୁଅନ୍ତା। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଆଜି ଅଧିକାଂଶ ସ୍ଥଳରେ ତାହା ଘଟୁନାହିଁ। ଏକ ତଥ୍ୟ ଅନୁସାରେ ଭାରତରେ ୧୦ଟି ବୃଦ୍ଧ ଦମ୍ପତ୍ତିଙ୍କ ମଧ୍ୟରୁ ୬ଟି ଦମ୍ପତ୍ତି ଗୃହ ଛାଡ଼ି ପଳାଇଯିବା ପାଇଁ ପିଲାମାନଙ୍କ ଦ୍ୱାରା ବାଧ ହୋଇଥାନ୍ତି। କେଉଁଠି ରହିବାକୁ ସ୍ଥାନ ନପାଇ ସବୁ ଆଶା ହରାଇ ଶେଷରେ ସେମାନେ ଜରାଶ୍ରମରେ ରହିବାକୁ ବାଧ ହୁଅନ୍ତି, ଯେଉଁଠି ସେମାନେ ତାଙ୍କର ଯୌବନାବସ୍ଥାରେ ପାଇଥିବା ସମସ୍ତ ପାରିବାରିକ ସୁଖ ଓ ସୁବିଧାରୁ ବଞ୍ଚିତ ହୋଇଥାନ୍ତି। ନାତି-ନାତୁଣୀ, ପୁଅ-ବୋହୂ ଓ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ଠାରୁ ଯେତେବେଳେ ସେମାନେ ସ୍ନେହ, ଶ୍ରଦ୍ଧା ଓ ଯତ୍ନ ଆବଶ୍ୟକ କରିଥାନ୍ତି ସେତେବେଳେ ସେମାନେ ଜରାଶ୍ରମରୁ ସେଥିରୁ ବଞ୍ଚିତ ହୋଇ ଏକ ନିଃସଙ୍ଗ ପ୍ରାଣୀ ପରି ଜୀବନ ବିତାଇବାକୁ ବାଧ ହୁଅନ୍ତି। ସବୁକିଛି ଥାଇ ସୁଦ୍ଧା ସବୁଥିରୁ ବଞ୍ଚିତ ହେବା ଅବସ୍ଥା ସେମାନଙ୍କୁ ଏକ ଦୁଃସ୍ୱପ୍ନ ପରି ଲାଗେ। ସେମାନଙ୍କ ପାଇଁ ଅତୀତ ଯେ ମରେନା, ଦହନ ଯେ ସରେନା। ଏବେ ଭାରତରେ ୮କୋଟି ୧ ଲକ୍ଷ ବୃଦ୍ଧ ଦମ୍ପତ୍ତି ବସବାସ କରୁଛନ୍ତି। ସେଥିରୁ ଶତକଡ଼ା ୪୦ ଭାଗ ବରିଷ୍ଠ ନାଗରିକ ପରିବାର ଭିତରେ ରହି ଅକଥନୀୟ ନିର୍ଯାତନାର ଶିକାର ହେଉଛନ୍ତି। ଯଦିଓ ସରକାର ଏଥିନିମନ୍ତେ ବରିଷ୍ଠ ନାଗରିକମାନଙ୍କର ସେବା ଓ ସୁରକ୍ଷା ନାମକ ଏକ ନିର୍ଦ୍ଦିଷ୍ଟ ଆଇନ ପ୍ରବର୍ତ୍ତନ କରିଛନ୍ତି ତଥାପି ପରିସ୍ଥିତିରେ କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। ଏ ସମସ୍ୟା ଯେ ଆଗକୁ ଆହୁରି ବଢ଼ିବ ଏକଥା ଚିନ୍ତା କରିବା ବେଳକୁ ମନ ଭିତରେ ଗଭୀର ଉଦ୍‌ବେଳନ ସୃଷ୍ଟି ହେଉଛି। ପିଲାମାନେ ଭାବିବା କଥା ଯେ ସେମାନେ ବି ଦିନେ ଏଭଳି ସ୍ଥିତିରେ ଉପନୀତ ହେବେ। ସେତେବେଳକୁ... ?

ଅଧ୍ୟକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ

# ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଜନ୍ମାଷ୍ଟମୀ ହିନ୍ଦୁମାନଙ୍କର ଏକ ପ୍ରିୟ ଉତ୍ସବ। ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ଏହି ପର୍ବଟି ଅନୁଷ୍ଠିତ ହୋଇଥାଏ। ପ୍ରବଳ ପ୍ରତାପୀ କଂସକୁ ମାରିବା ପାଇଁ ଏହିଦିନ ଭଗବାନ ଶ୍ରୀକୃଷ୍ଣ ମର୍ତ୍ତ୍ୟପୁରରେ ଅବତାର ଗ୍ରହଣ କରିଥିଲେ। ବୈଷ୍ଣବମାନଙ୍କର ଏହା ଏକ ଅତିପ୍ରିୟ ପର୍ବ। ଏଥିପାଇଁ ପ୍ରତ୍ୟେକ ଧର୍ମବିଶ୍ୱାସୀ ହିନ୍ଦୁକୁ ବ୍ରତ ଧାରଣ କରିବାକୁ ପଡ଼ିଥାଏ। ସାରାଦିନ ନିର୍ଜଳା ଉପବାସ ରହି ଏହି ପର୍ବ ପାଳନ କରାଯାଏ। ଶେଷରେ ଶ୍ରୀକୃଷ୍ଣ ଜନ୍ମକଥା ଶୁଣି ତାଙ୍କର ଉପଯୁକ୍ତ ପୂଜାବିଧାନ କରି ଓ ପ୍ରସାଦ ସେବନ କରାଯାଏ। ଏହି ଭଗବତ୍ କଥା କଳିଯୁଗରେ ଏକମାତ୍ର ମୁକ୍ତିର ମାର୍ଗଦର୍ଶନ କରାଇଥାଏ। କାଳରୂପକ ସର୍ପର ବିଷକୁ ଦୂର କରିବା ପାଇଁ ଶ୍ରୀକୃଷ୍ଣଙ୍କ କଥା ଯେତେ ସାମର୍ଥ୍ୟ ଅଛି ଅନ୍ୟ କାହାର ଆଉ ନାହିଁ ବୋଲି ସାଧାରଣ ବିଶ୍ୱାସ ଥିଲା। ଭଗବାନ ଶ୍ରୀବିଷ୍ଣୁ ସାଧୁମାନଙ୍କ ପରିତ୍ରାଣ, ଦୁଷ୍କୃତ ମାନଙ୍କ ବିନାଶ ତଥା ଧର୍ମ ସଂସ୍ଥାପନ ନିମିତ୍ତ ଯୁଗେ ଯୁଗେ ଅବତରଣ କରନ୍ତି ଧରାପୃଷ୍ଠକୁ - ‘ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ’। ନିଜମାୟା ଦ୍ୱାରା ଅବତାରୀ ପୁରୁଷ ନିଜକୁ ସୃଷ୍ଟି କରନ୍ତି ‘ସମ୍ଭବାମି ଆତ୍ମମାୟାୟା’ ଓ ତାଙ୍କ କ୍ରିୟାକଳାପ ସବୁ ଦିବ୍ୟତ୍ୱ ସମ୍ପନ୍ନ ‘ଜନ୍ମ କର୍ମଚ ମେ ଦିବ୍ୟଂ’। ଅବତାର, ଅଂଶୀବତାର ଓ ଅଂଶାଶଅବତାର ଭାବେ ବିଦିତ ହୋଇଥାଏ। ଏସବୁ ସମୟ ଓ ପରିସ୍ଥିତି ଅନୁସାରେ ଗୁରୁତ୍ୱହେତୁ ଗୁଣାବତାର, କଳ୍ପାବତାର, ମନ୍ୱନ୍ତରାବତାର, ଜ୍ଞାନାବତାର, କ୍ରିୟାବତାର, ଲୀଳାବତାର ଭାବେ ରୂପାନ୍ତରଣ ହେବାକୁ ପଡ଼ିଥାଏ। ତ୍ରେତୟାଯୁଗରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଅତ୍ୟଧିକ ଦୁଃଖକଷ୍ଟରେ ମର୍ମାହତ ହେତୁ ଦ୍ୱାପରଯୁଗରେ ଦୃଷ୍ଟଦଳନ ତଥା ସଂସାରର ନୀତିଶିକ୍ଷା ଦେବାକୁ ଲୀଳାବତାର ସ୍ୱରୂପ ଧାରଣ କରିଥିଲେ।

ବୟସ ଏବଂ ଲିଙ୍ଗ ନିର୍ବିଶେଷରେ ସମସ୍ତ ଧର୍ମବିଶ୍ୱାସୀ ହିନ୍ଦୁ ଏହି ପର୍ବକୁ ପାଳନ କରନ୍ତି। ଷଡ଼ଜୟନ୍ତୀ ମଧ୍ୟରୁ ଏହା ଏକ ଅନ୍ୟତମ ଜୟନ୍ତୀ। ପଞ୍ଚଦେବ ପୂଜା ପରଶିରାରେ ପ୍ରତିଷ୍ଠିତ ଏହି ଷଡ଼ ଜୟନ୍ତୀ ମଧ୍ୟରୁ ବୈଷ୍ଣବମାନଙ୍କ ଜୟନ୍ତୀ ଭାବରେ ଏହି ଜନ୍ମାଷ୍ଟମୀ ଭାରତୀୟ ଧର୍ମଧାରାରେ ପ୍ରତିଷ୍ଠା ଲାଭ କରିଛି। ନିଜର ମନୋବାଞ୍ଛିତ ଫଳ ଲାଭ ପାଇଁ ଉପାସକ ଏହି ଉତ୍ସବରେ ବ୍ରତଧାରଣ କରିଥାଏ। ଏହାର ପରଦିନ ନନ୍ଦୋତ୍ସବ ପଡ଼େ। କାରଣ ଯଶୋଦାଙ୍କ କୋଳରେ ଜନ୍ମଲାଭ କରିଥିବା ଶ୍ରୀକୃଷ୍ଣଙ୍କ ଖେଳିବାର ଦୃଶ୍ୟ ଗୋପପୁରରେ ସମସ୍ତେ ତା’ପରଦିନ ଉପଲବ୍ଧି କରିଥିଲେ। ନାନା ଉତ୍ସବ ଗୋପପୁରରେ ଆୟୋଜିତ ହୋଇଯାଇଥିଲା। ପୁତ୍ର କଷ୍ଟରେ ସନ୍ତାପିତ ନନ୍ଦ ଆନନ୍ଦାଶ୍ରୁ ନିଗାଡ଼ି ନବଜାତ ଶିଶୁପୁତ୍ରକୁ କୋଳରେ ଧାରଣ କରି। ଆହା ମୋ ନନ୍ଦ କୋଳେ ଗୋବିନ୍ଦର ଐକାବଦ୍ଧ ସଙ୍ଗୀତଗାନରେ ଗୋପବାସୀମାନେ ବିହ୍ୱଳିତ ହୋଇପଡ଼ିଥିଲେ। ପୁରାଣ ବର୍ଣ୍ଣିତ ଏହି ପର୍ବକୁ ହିନ୍ଦୁମାନେ ବିଶ୍ୱାସ କରନ୍ତି। ଫଳରେ ଆଜି ପର୍ଯ୍ୟନ୍ତ ସେମାନେ ଉକ୍ତ ପର୍ବକୁ ପୁରାଣବର୍ଣ୍ଣିତ ଅନୁଯାୟୀ ପାଳନ କରିଆସୁଛନ୍ତି। ଓଡ଼ିଶାର ପୁରପଲ୍ଲୀରେ ଜନ୍ମାଷ୍ଟମୀ ମହାସମାରୋହରେ ପାଳନ କରାଯାଏ। ଏହିଦିନ ଲୋକେ ଉପବାସ ରଖିଥାନ୍ତି। ରାତି ୧୨ଟା ପରେ କୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରିସାରି ଉପବାସ ଭାଙ୍ଗିଥାନ୍ତି। ଏହି ଦିନ ଗାଁର ଭାଗବତ ଟୁଙ୍ଗୀମାନଙ୍କରେ ଅବା କାହାରି ଘର ବା ମଠ ମନ୍ଦିରରେ ହରିବଂଶ ପୁରାଣ ପାଠ କରାଯାଏ। ଜନ୍ମାଷ୍ଟମୀ ପରବର୍ତ୍ତୀ ଦିନ ନନ୍ଦୋତ୍ସବ ପାଳନ କରାଯାଏ। ଭଗବାନ ଶ୍ରୀକୃଷ୍ଣ ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଅର୍ଜ୍ଜୁନଙ୍କୁ କହିଲେ - ହେ କୁନ୍ତୀ ପୁତ୍ର, ତୁମେ ନିଶ୍ଚୟକରି ଜାଣିରଖ, ମୋ ଭକ୍ତର କଦାପି ବିନାଶ ହୁଏନାହିଁ। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି, ମନୁଷ୍ୟ ପ୍ରବୃତ୍ତିବଶ୍ୟତାରେ ବିନଷ୍ଟ ହୁଏ। ମନୁଷ୍ୟର ଦୁର୍ଭୋଗର ମୂଳରେ ଅଛି ପ୍ରବୃତ୍ତିଜନିତ କୁକର୍ମ।


ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ସରାସକୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବର୍ଷିକ ଉତ୍ସବ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଶିକ୍ଷା ମଣ୍ଡଳ କାର୍ଯ୍ୟାଳୟ ଅନ୍ତର୍ଗତ ସରାସକୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ସନ୍ଧ୍ୟା ରାଣୀ ମହାନ୍ତ ଙ୍କ ସଭାପତିତ୍ୱ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ବାବେ ପାଟଣା ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ ଯୋଗଦାନ କରି କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ପାର୍ଥ ସାରଥୀ ବେଜ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷା ର ଗୁଣାତ୍ମକ ବିକାଶ ଦିଗରେ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା କନକଲତା ମହାନ୍ତ ଲୋକନାଥ କରି ଥିଲେ । ବିଦ୍ୟାଳୟ ର ଅର୍ଦ୍ଧ ବାର୍ଷିକ ପରୀକ୍ଷା ରେ ଦ୍ୱିତୀୟ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବୋଚ୍ଚ ନମ୍ବର ରଖିଥିବା ୧ମ ,୨ୟ,୩ୟ ଓ କ୍ରୀଡା କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ଙ୍କ ସହିତ ବିଦ୍ୟାଳୟ ର ପୁରାତନ ୩ଜଣ ଛାତ୍ରଛାତ୍ରୀ ଗୋପୀନାଥ ଦେହୁରୀ, ଗୋବର୍ଦ୍ଧନ ଗିରି, ବାସନ୍ତୀ ମହାନ୍ତ ଙ୍କୁ ଅତିଥି ମାନ ଙ୍କ ଦ୍ୱାରା ମାନପତ୍ର ଦେଇ ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତି ଅନୁଷ୍ଠିତ ହୋଇଥିଲାୟ କାର୍ଯ୍ୟକ୍ରମ କୁ ସଂପୂର୍ଣ୍ଣ ବିଦ୍ୟାଳୟ ର ଶିକ୍ଷୟିତ୍ରୀ ସୀତାମଣି ହାସଦା,ମିନାକ୍ଷୀ ନାଏକ,ପ୍ରଜ୍ଞା ଭାରତୀ ବେହେରା,ଚଳମଣି କାର୍ଜି ସହଯୋଗ କରିଥିଲେ।

## ଜରୋଲୀ ଶିଶୁ ବିଦ୍ୟା ମନ୍ଦିରକୁ ମିଳିଲା ସରକାରୀ ମାନ୍ୟତା

ଯୋଡା,(ମହାଭାରତ):କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ଜରୋଲୀ ଠାରେ ଥିବା ସରସ୍ତୀ ଶିଶୁ ବିଦ୍ୟା ମନ୍ଦିର କୁ ସରକାରୀ ମାନ୍ୟତା ମିଳିଛି । ଏ ନେଇ କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଚିଠି ସଂଖ୍ୟା ୪୦୬, ତା ୩୦/୧/୨୦୨୫ ଅନୁଯାୟୀ ଏହି ଶିଶୁ ବିଦ୍ୟା ମନ୍ଦିର କୁ ସରକାରୀ ମାନ୍ୟତା ସାର୍ଟିଫିକେଟ ପ୍ରଦାନ କରାଯାଇଛି ।ଖଣି ଅଞ୍ଚଳ ର ଏହା ଏକ ସର୍ବ ପୁରାତନ ଭାବେ ଶିଶୁ ମନ୍ଦିର ଶିକ୍ଷାନୁଷ୍ଠାନ




ଭାବେ ପରିଚିତ।୨୦୦୭ ମସିହାରେ ସ୍ଥାପିତ ଏହି ଶିଶୁ ବିଦ୍ୟା ମନ୍ଦିର ସରକାରୀ ମାନ୍ୟତା ନ ଥିବାରୁ ଶିଶୁ ମନ୍ଦିର ର ଅଭିଭାବକ ମାନେ ବହୁ ସମସ୍ୟା ର ସମ୍ମୁଖୀନ ହେଉଥିଲେ ।ଏହି ମାନ୍ୟତା ପାଇବା ପରେ ବିଦ୍ୟା ମନ୍ଦିର ର ଉନ୍ନତି ହେବ ବୋଲି ପରିଚାଳନା ସମିତି ସମ୍ପାଦକ ରୁଦ୍ର ନାରାୟଣ କର କହିଛନ୍ତି ।ଏହି ମାନ୍ୟତା ମିଳିବା ପରେ ଅଭିଭାବକ ମହଲରେ ଖୁସି ର ଲହରୀ ଖେଳି ଯାଇଛି ।

## ନୂଆ ବସଷ୍ଟାଣ୍ଡରେ ପୋଲିସ୍ ଫାଣ୍ଡି ଉଦ୍ଘାଟନ କଲେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ



ଅନୁଗୋଳ,(ମହାଭାରତ):ନୂତନ ବସ ଷ୍ଟାଣ୍ଡରେ ଉଦଘାଟନ ହୋଇଛି ପୋଲିସ ଫାଣ୍ଡି। ପୁରୁଣା ବସଷ୍ଟାଣ୍ଡେ ଥିବା ଫାଣ୍ଡି ନୂଆ ବସଷ୍ଟାଣ୍ଡକୁ ସ୍ଥାନାନ୍ତର ହୋଇଥିବା ବେଳେ ସନ୍ଧ୍ୟାରେ ପୂଜାପାଠ ସହ ଟାଉନ ଫାଣ୍ଡି ଲୋକାର୍ପିତ ହୋଇଛି। ଏଠାରେ ଜଣେ ଏସ ଆଇ ଅଫିସର୍, ଜଣେ ହାବିଲ୍‌ଦାର ଓ ୪ ଜଣ କନେଷ୍ଟବଳ ନିୟୋଜିତ ହୋଇଛନ୍ତି । ସୂଚନା ଯେ, ପ୍ରତିଦିନ ୨୦୦ରୁ ଅଧିକ ବସ୍ ଏଠାରୁ ଚଳାଚଳ କରୁଛି। ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଯାତ୍ରୀଙ୍କ ଯାତାୟତ ଲାଗି ରହିଛି। ବ୍ୟବସାୟିକ ଅନୁଷ୍ଠାନ ଗଢ଼ି ଉଠିଲଣି। ବସ୍‌ଷ୍ଟାଣ୍ଡ୍ କାର୍ଯ୍ୟକ୍ଷମ ହେବା ସହିତ ସେଠାରେ ପୋଲିସ ଫାଣ୍ଡି ଖୋଲିବା ନିହାତି ଦରକାର ରହିଥିଲା । ପୋଲିସ ଭୟ ନଥିବାରୁ ଅଧିକାଂଶ ସମୟରେ ଗଣ୍ଡଗୋଳ ଲାଗୁଥିଲା। ଚୋରି, ଛିନ୍ତାଇ ବଢ଼ିବା ସହିତ ଅସାମାଜିକଙ୍କ ପ୍ରାଦୁର୍ଭାବ ନେଇ ଖୋଦ୍ ବସଷ୍ଟାଣ୍ଡ୍ କର୍ତ୍ତୃପକ୍ଷ ଓ ବସ ମାଲିକ ସଂଘ ଚିନ୍ତାପ୍ରକଟ କରିଥିଲେ। ଏନେଇ ବାରମ୍ବାର ଅଭିଯୋଗ ସହିତ ଏସ୍ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଯାହା ଫଳରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ନୂତନ ଟାଉନ୍ ଫାଣ୍ଡି ଙ୍କୁ ରିବନ କାଟି ଉଦଘାଟନ କରିଛନ୍ତି। ଏହି ଉଦଘାଟନ ସମାରୋହ ରେ ଅନୁଗୋଳ ଏସ ଡି ପି ଓ ରମାକାନ୍ତ ମହାଲିକ, ଟାଉନ ଥାନା ଅଧିକାରୀ ଧିରେସ କୁମାର ଦାସ ଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ଏବଂ ବସ ଷ୍ଟାଣ୍ଡ କର୍ତ୍ତୃପକ୍ଷ ଓ ବସ ମାଲିକ ସଂଘ ଉପସ୍ଥିତ ରହି ଥିଲେ।

## ଦଶମ ବୋର୍ଡ ପରୀକ୍ଷା ସୁପରିଚାଳନା ନିମନ୍ତେ ସୁପରିଟେଣ୍ଡେଟମାନଙ୍କର କର୍ମଶାଳା

ଅନୁଗୋଳ,(ମହାଭାରତ):ଆଗାମୀ ଦଶମ ବୋର୍ଡ ପରୀକ୍ଷା ୨୦୨୫ର ସୁପରିଚାଳନା ନିମନ୍ତେ ଆଜି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସୁପରିଟେଣ୍ଡେଟ (ପରିଚାଳକ) ମାନଙ୍କର ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଏକ ସ୍ୱଚ୍ଛ, ଗୁଜବ ମୁକ୍ତ, ସନ୍ଦେହ ମୁକ୍ତ ପରୀକ୍ଷା ସୁପରିଚାଳାନା ନିମନ୍ତେ ଉପସ୍ଥିତ ସଭ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି କର୍ମଶାଳାରେ ଜିଲ୍ଲାର ମୋଟ ୯୨ଟି ପରିକ୍ଷା କେନ୍ଦ୍ରର ୯୨ ଜଣ ସୁପରିଟେଣ୍ଡେଟ, ୮ଟି ନୋଡାଲ ସେ□ର (ପ୍ରଶ୍ନପତ୍ର ହବ୍)ର ୮ ଜଣ ନୋଡାଲ ସୁପରିଟେଡେଣ୍ଟ ଏବଂ ୮ଟି ବ୍ଲକର ୮ ଜଣ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗ ଦେଇଥିଲେ । ସୂଚନା ମୁତାବକ ଜିଲ୍ଲାରେ ୧୫୬୨୨ ଜଣ ରେଗୁଲାର, ୨୦ ଜଣ ଏକ୍ସ ରେଗୁଲାର, ୧୫ ଜଣ କରେସପଣ୍ଡେନ୍ସ, ୨୩୦ ଜଣ ମୁକ୍ତ ବିଦ୍ୟାଳୟ ଓ ୨୦ ଜଣ ମଧ୍ୟମା ଛାତ୍ର ଛାତ୍ରୀଙ୍କ ସମେତ ମୋଟ ୧୫,୯୦୭ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେବେ । ସମସ୍ତ ପରୀକ୍ଷା କେନ୍ଦ୍ରରେ ମୋବାଇଲ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଥିବାବେଳେ ପରୀକ୍ଷା ପରିଚାଳନାରେ ସର୍ବାଧିକ ସତର୍କତା ଅବଲମ୍ବନ କରିବା ପାଇଁ ଏହି କର୍ମଶାଳାରେ ମତ ପ୍ରକାଶ ପାଇଥିଲା। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଅମ୍ବୁଜ କୁମାର ଗଡନାୟକ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସମଲ ବ୍ୟାରେଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଢା ସମବାୟ ସମିତି ସମ୍ପାଦକ ଚାକିରୀରୁ ବହିଷ୍କୃତ

ହାଟଡିହି,(ମହାଭାରତ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସଢା ସମବାୟ ସମିତିର ସମ୍ପାଦକ ଦୀନବନ୍ଧୁ ଜେନାଙ୍କୁ ଚାକିରୀରୁ ବହିଷ୍କୃତ କରାଯାଇଛି । ବିଭିନ୍ନ ଅନିୟମିତତା ଏବଂ ସମିତି ଅନୁଦାନ ହେରଫେର ନେଇ ତାଙ୍କ ବିରୁଦ୍ଧରେ ସମିତିର ମ୍ୟାନେଜମେଣ୍ଟ କମିଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ମ୍ୟାନେଜମେ□ କମିଟି ଆଦେଶ ନଂ ୩୮/୭.୨.୨୦୨୫ ଅନୁସାରେ ଓଡିଶା ଆରସିଏସ ରୁଲ ୧୮(ଏ) ଆଧାରରେ ସମ୍ପାଦକ ଦୀନବନ୍ଧୁଙ୍କୁ ଚାକିରୀରୁ ବହିଷ୍କୃତ କରାଯାଇଛି। ସୂଚନା ଯୋଗ୍ୟ ସମ୍ପାଦକ ଦୀନବନ୍ଧୁ ୨୦୨୦-୨୧ ବର୍ଷରେ ଚାଷୀ ପଞ୍ଜିକରଣରେ ଅନିୟମିତତା ନେଇ ତାଙ୍କୁ ସମିତି ପ୍ରଶାସକ(ଆଡମିନଷ୍ଟ୍ରେଟର) ଆଦେଶ ନଂ ୭/୮.୧.୨୦୨୧ ରେ ନିଲମ୍ବିତ କରାଯାଇଥିଲା । ଫର୍ଟିଲାଇଜର(ଉର୍ବରକ) ବାବଦରେ ୩ ଲକ୍ଷ୍ୟ ୧୩ ହଜାର ୭୩୫ଟଙ୍କା ହେରଫେର ନେଇ ସମିତି ସଭାପତି ଆଦେଶ ନଂ ୧୪୨/୧୯.୧୧.୨୦୨୨ ରେ ତାଙ୍କୁ ନିଲମ୍ବିତ କରିଥିଲେ । ଏଥିସହ ୨୦୨୨-୨୩ ଫାଇନାଲ ଅଡିଟ ରିପୋର୍ଟ ଅନୁସାରେ ୧୨ ଲକ୍ଷ୍ୟ ୯୧ ହଜାର ୫୬୧ ଟଙ୍କା ହେରଫେର କରିଥିବା ଦର୍ଶାଯାଇଛି । ଗତ ୨୦୨୪ ବର୍ଷରେ ଫର୍ଟିଲାଇଜର(ଉର୍ବରକ) ଏବଂ ବିହନ ବାବଦରେ ୩ ଲକ୍ଷ୍ୟ ୫୭ ହଜାର ୩୧୨ ଟଙ୍କା ହେରଫେର କରିଥିଲେ । ଯାହାକି ଉକ୍ତ ଆଦେଶ ପତ୍ରରେ ଉଲ୍ଲେଖ ରହିଛି । ତେବେ ସମ୍ପାଦକ ଦୀନବନ୍ଧୁ ପ୍ରଦାନ କରିଥିବା ଚୁକ୍ତିନାମା ଅନୁସାରେ ଧାର୍ଯ୍ୟ ସମୟରେ ଫର୍ଟିଲାଇଜର(ଉର୍ବରକ) ଏବଂ ବିହନ ବାବଦରେ ହେରଫେର ହୋଇଥିବା ଟଙ୍କା ଜମା କରିନଥିଲେ । ଫଳରେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇଛି।

## ଆସିଲା ପରିବର୍ତ୍ତନ, ଛାଡିଲେ ଶଙ୍ଖ ଧରିଲେ ପଦ୍ମ

ଅସ୍ତରଙ୍ଗ(ମହାଭାରତ): ଅସ୍ତରଙ୍ଗ ମାଟି ର ଲଢୁଆ ପୁଅ ତଥା ଯୁବ ବିଜେପି ନେତା ଦିବାକର ଛାଟୋଇ ଙ୍କ ନେତୃତ୍ୱ ରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧୀନରେ ଅନେକ ପରିବାର ଶଙ୍ଖ ଉପରୁ ଅସ୍ଥା ହରାଇ ଏବେ ପଦ୍ମ ଧରୁଛନ୍ତି। ଏହି କାର୍ଯ୍ୟ ଦିବାକର ଛାଟୋଇ ଙ୍କ ଦୃଢ ନେତୃତ୍ୱ ପାଇଁ ସମ୍ଭବ ହେଇଛି ବୋଲି ବୁଦ୍ଧିଜୀବୀ ଙ୍କ ମହଲ ରେ ଚର୍ଚ୍ଚା ଜୋର ଧରିଛି। ଆଜି ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧୀନରେ ବିଜେଡି ଗଡ଼ କୁହାଯାଉଥିବା ପାଟଓଳଦା ପଞ୍ଚାୟତ କେନ୍ଦୁପଡିଆ ଗ୍ରାମ ରୁ ୨୨ ଗୋଟି ବିଜେଡି ସମର୍ଥିତ ପରିବାର ବିଜେଡି । ଶଙ୍ଖ ଉପରୁ ଅସ୍ଥା ହରାଇ ଆଜି ବିଜେପି ସହିତ ମିଶିଛନ୍ତି, ଏହି ମିଶ୍ରଣ ପର୍ବ ରେ ଯୁବ ବିଜେପି ନେତା ଦିବାକର ଛାଟୋଇ,



ଅସ୍ତରଙ୍ଗ ବ୍ଲକ ଉପାଧକ୍ଷ ଦୁର୍ଜ୍ଜୟ ମିଶ୍ର, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି,ପୂର୍ବତନ ବିଜେପି ମଣ୍ଡଳ ସଭାପତି ପ୍ରଭାକର ନାୟକ, ପବିତ୍ର ଲେଙ୍କା, ପ୍ରଶାନ୍ତ ନାୟକ, ଯୁବ ବିଜେପି ନେତା ପ୍ରଦୀପ୍ ବିଶ୍ୱାଳ ଯୋଗ ଦେଇଥିଲେ, ବିଜେଡି ଉପରୁ ଅସ୍ଥା ହରାଇ ଆସିଥିବା ଏହି ୨୨ ଗୋଟି ପରିବାର ର ସମସ୍ତ ନାଗରିକ ମାନଙ୍କୁ ଭାରତୀୟ ଜନତା ପାର୍ଟି ତରଫରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସଭା କୁ ସ୍ୱାଗତ କରାଯାଇଥିଲା, ଆଉ ପରିଶେଷରେ ବିଜେପି ର ନୀତି ଆଦର୍ଶ ତା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ସୁଶାସନ ବ୍ୟବସ୍ଥା ଉପରେ ସଭା ରେ ଆଲୋଚନା ହୋଇଥିଲା, ଏହି ମିଶ୍ରଣ ପର୍ବ ପରେ ଆଗାମୀ ଦିନରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧୀନରେ ୧୫ ଗୋଟି ପଞ୍ଚାୟତ ରେ ବିଜେପି ପାଇଁ ବିରାଟ ପରିବର୍ତ୍ତନ ହେବ ବୋଲି ରାଜନୈତିକ ମହଲ ରେ ଚର୍ଚ୍ଚା ଚାଲିଛି।

## ନାଲକୋ ଏସ ଭି ଏମ ରେ ବ୍ରଜ ଚକୋରି ଦେବୀ

ଅନୁଗୋଳ,(ମହାଭାରତ): ମାଘ ପୂର୍ଣ୍ଣିମା ଅବସରରେ ବିଶିଷ୍ଟ ସାଧ୍ୱୀ ସ୍ୟ ପ୍ରବଚକ ସୁଶ୍ରୀ ବ୍ରଜ ଚକୋରୀ ଦେବୀ ସରସ୍ୱତୀ ବିଦ୍ୟାମନ୍ଦିର ନାଲକୋନଗର ଅନୁଗୋଳ ଠାରେ ପ୍ରାତଃ ୭ଟା ୩୦ ମି ରେ ଉପସ୍ଥିତ ରହି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପ୍ରବଚନ ଦେଇଥିଲେ।ପ୍ରବଚନରେ କହିଥିଲେ ଛାତ୍ରଛାତ୍ରୀମାନେ ଧ୍ୟାନର ସହିତ ପାଠ ପଢିବା ,ଗୁରୁଜୀ ଗୁରୁମାନଙ୍କୁ ଶ୍ରଦ୍ଧା,ସମ୍ମାନ ଓ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପ୍ରକୃତ ବନ୍ଧୁ। ସ୍ମାର୍ଗ ରେ ନେବ,ବିପଦରେ ସାଥି ହେଉଥିବ, ଧର୍ମ ବିଷୟ ରେ ଧାରଣା,ଶ୍ୱାସକ୍ରିୟା ରେ ପ୍ରଶ୍ୱାସରେ ରା ଏବଂ ନିଶ୍ୱାସ ରେ ଧେ, କହିବା,କୈଶୋର ଅବସ୍ଥାରେ ପୁଅ ଓ ଝିଅ ସାଙ୍ଗ ହେବାରେ ବ୍ୟବଧାନ ରଖିବା, ଧନ ଉପାର୍ଜନ ଜୀବନର ଲକ୍ଷ୍ୟ ନୁହେଁ ,ଲକ୍ଷ୍ୟ ହେଉଛି ଦାନ ଧର୍ମ କରି ଜଣେ ଉତ୍ତମ ଚରିତ୍ରବାନ ମଣିଷ କିପରି ହୋଇପାରିବୟ ସେ ଦିଗରେ ଦିଗ ଦର୍ଶନ ଦେଇଥିଲେ । ବିଦ୍ୟାମନ୍ଦିର ର ଅଧ୍ୟକ୍ଷ ଡକ୍ଟର ଶତ୍ରୁଘ୍ନ ବେହେରା, ଉପାଧ୍ୟକ୍ଷା ସସ୍ମିତା ମହାନ୍ତି, ଶିକ୍ଷକ ପ୍ରତିନିଧି ବିଚିତ୍ରାନନ୍ଦ ନାୟକ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସମସ୍ତ କର୍ମଚାରୀ, ସାଧୁସ୍ୟ, ନାଲକୋ ର ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତ ଥିଲେ।

## ଲାଞ୍ଚ□ ନେଲାବେଳେ ଧରା ପଡିଲେ କନିଷ୍ଠ କିରାଣୀ



ଦେବଗଡ଼:(ମହାଭାରତ):,ଆଜି ଭିଜିଲାନ୍ସ ହାତରେ ଧରା ପଡିଲେ କନିଷ୍ଠ କିରାଣୀ ମଞ୍ଜୁ ଲତା ପ୍ରଧାନ।ସୂଚନା ଅନୁଯାୟୀ, +୨ସାର୍ଟି ଫିକେଟ ଦେବାପାଇଁ୧୦ହଜାର ଟଙ୍କା ଲା□ ନେଉ ଥିବା ବେଳେ ଦେବଗଡ଼ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଥିଲା। ଭୟଲିଆ ଡିହି ଗ୍ରାମ ର ଶକ୍ତିମାନ ରଣା ଙ୍କ ଆଗରୁ +୨ସା ଟି ଫିକେଟ୍ ନଷ୍ଟ ହୋଇଯାଇଥିଲା,ନୂତନ ସୟଟି ଫିକେଟ ପାଇଁ ଶ୍ରୀ ରଣା ଆବେଦନ କରିଥିବା ବେଳେ,କନିଷ୍ଠ କିରାଣୀ ତାଙ୍କୁ ୧୦ହଜାର ଟଙ୍କା ଲା□ ମାଗିଥିଲେ।ଆଜି ୧୦ହାଜର ଟଙ୍କା ଲା□ ନେଉଥିବାବେଳେ କନିଷ୍ଠ କିରାଣୀ ମଞ୍ଜୁଲତା ପ୍ରଧାନ ଙ୍କୁ ଦେବଗଡ଼ ଭିଜିଲାନ୍ସ ମାଡ଼ି ବସିଥିଲା। ତାଙ୍କ ଠାରୁ ଲା□ ଟଙ୍କା ଜବତ କରାଯାଇ, ଏଣେ କନିଷ୍ଠ କିରାଣୀ ମଞ୍ଜୁଲତା ପ୍ରଧାନଙ୍କୁ ଗିରଫ କରାଯାଇ, ଦେବଗଡ଼ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛିବୋଲି ସୂଚନା ମିଳିଛି।

## ଅନାସ୍ଥା ଭୋଟ ରେ ଅଧକ୍ଷା ହାରିଲେ ଦାୟତ୍ୱ ନେଇ ଉପାଧକ୍ଷା ବୀଣାପାଣି ନାୟକ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଧ୍ୟକ୍ଷା ଶୁକାନ୍ତି ନାଏକ ଙ୍କ ବିରୋଧରେ ଗତ ଜାନୁଆରୀ ୪ତାରିଖରେ ବ୍ଲକ ଉପାଧ୍ୟକ୍ଷା ବିଣାପାଣି ନାୟ ଅନାସ୍ଥା ପ୍ରସ୍ତାବ ଆଣି ଥିଲେ। ଗତ ଜାନୁୟାରୀ ୪ରେ ଆଗତ ଅନାସ୍ଥା ପ୍ରସ୍ତାବ ଲାଗି ବ୍ଲକ ସଭାଗୃହ ରେ ମତଦାନ ହୋଇ ଥିଲା। ଶୁକାନ୍ତି ନାଏକ କୌଣସି ଚକ୍ରାନ୍ତ କରି ଉପଜିଲ୍ଲାପାଳ ଙ୍କ ଅନସ୍ଥା ନୋଟିସ ନ ପାଇଥିବା ଦର୍ଶାଇ ହାଇକୋର୍ଟ ଆଶ୍ରୟ ନେଇ ଆଇନଜୀବୀ



ଙ୍କ ମାଧ୍ୟମରେ ଏକ ରହିତାଦେଶ ନୋଟିସ ଜାରି କରିଥିଲେ। ହାଇକୋର୍ଟ ଙ୍କ ନିର୍ଦ୍ଦେଶ କୁ ପାଟଣା ବ୍ଲକ ପ୍ରଶାସନ ସମ୍ମାନ ଜଣାଇ ଭୋଟ ଦାନ ହୋଇଥିଲେ ମଧ ଭୋଟ ର ଫଳାଫଳ ଓ ଗଣତି କୁ ସ୍ଥଗିତ ରଖାଯାଇ ଥିଲା। ହାଇକୋର୍ଟ ନିର୍ଦ୍ଦେଶ ପରେ ଆଜି ଗଣତି ରେ ୩୪ଜଣ ଭୋଟ ଦାନ ମଧ୍ୟରୁ ବିଣାପାଣି ନାୟକ ସପକ୍ଷରେ ୩୩ଖଣ୍ଡ ଭୋଟ ଯାଇଥିବା ବେଳେ ବିପକ୍ଷରେ ୧ଖଣ୍ଡ ଭୋଟ ଯାଇଥିଲା। ଆଜି ଭୋଟ ଗଣତିରେ ନିର୍ବାଚନ ଅଧିକାରୀ ରଞ୍ଜିତ କୁମାର ମହାନ୍ତ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି। ଉପଜିଲ୍ଲାପାଳ ନିର୍ଦ୍ଦେଶ ଆସିବା ପରେ ନୂତନ ଅଧକ୍ଷା ଗଠନ କରାଯିବ ବୋଲି ସୂଚନା ଦେଇଥିଲେ।ଏହି ଭୋଟ ଗଣତିରେ ପାଟଣା ତହସିଲଦାର ଲୀଳାବତୀ ନାୟକ, ସାହାରପଡା ବିଡିଓ ରଣଜିତ ମହାନ୍ତ, ଘଟଗାଁ ଏବିଡ଼ିଓ ଚିତ୍ତ ରଞ୍ଜନ ନାୟକ, ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ,କେନ୍ଦୁଝର ଲୋକସଭା ପାଟଣା ବ୍ଲକ ପ୍ରତିନିଧି ପ୍ରହ୍ଲାଦ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ସ୍କାଉଟ୍ ଏବଂ ଗାଇଡ କ୍ୟାମ୍ବୋରୀ ଉଦଘାଟନୀ ଉତ୍ସବ

ବଡ଼ଚଣା (ମହାଭାରତ ) : ଯାଜପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଯାଜପୁର ଠାରେ ଜିଲ୍ଲାସ୍ତରୀୟ ସ୍କାଉଟ୍ ଗାଇଡ କ୍ୟାମ୍ବୋରୀ ୨୦୨୫ ର ଉଦଘାଟନୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଅଛ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ଯାଜପୁର ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଉଦ୍ଘାଟନ କରିଥିଲେ। ଜିଲ୍ଲା ଭାରତ ସ୍କାଉଟ୍ ଗାଇଡର ମୁଖ୍ୟ କମିଶନର ତଥା ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ବାରିକ ସଭାପତିତ୍ୱ କରିଥିଲେ। ଜିଲ୍ଲା ସ୍କାଉଟ୍ ଏବଂ ଗାଇଡ ସମ୍ପାଦକ ଶ୍ରୀଯୁକ୍ତ ଶମ୍ଭୁନାଥ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ସଭାରେ ଜିଲ୍ଲା ଗାଇଡ କମିଶନର ତଥା ଯାଜପୁର ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀମତୀ ସ୍ମୃତିରେଖା ନାୟକ, ଜିଲ୍ଲା କମିଶନର (କବ୍) ତଥା ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଆଲୋକ କୁମାର ବନ୍ଧ, ଜିଲ୍ଲା କମିଶନର ସ୍କାଉଟ୍ ଶ୍ରୀଯୁକ୍ତ ରବି ପ୍ରସାଦ ସାମଲ, ଜିଲ୍ଲା ମୁଖ୍ୟାଳୟ କମିଶନର ଶ୍ରୀଯୁକ୍ତ ବିଶ୍ୱମ୍ଭର ମିଶ୍ର, ଶ୍ରୀଯୁକ୍ତ ମିହିର ରଞ୍ଜନ ନାୟକ ଯୋଗ ଦେଇଥିଲେ। ଶ୍ରୀଯୁକ୍ତ ଜହିରୁଦ୍ଦିନ୍ ଖାଁ, ଶ୍ରୀଯୁକ୍ତ ଉପେନ୍ଦ୍ର କୁମାର ବେହେରା, ଜିଲ୍ଲା ସଂଯୋଜକ ଶ୍ରୀଯୁକ୍ତ ଅବିନାଶ ଖୁଣ୍ଟିଆ, ଏବଂ ଶ୍ରୀଯୁକ୍ତ ନିରଞ୍ଜନ ଶତପଥୀ, ସଭା ପରିଚାଳନା କରିଥିଲେୟ ଉକ୍ତ ଉତ୍ସବରେ ଯାଜପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକ ୫୨ ଜଣ ସ୍କାଉଟ୍ ମାଷ୍ଟର ଓ ଗାଇଡ ଉଦ୍ଘାଟନ ଏବଂ ୬୫୨ ଜଣ ସ୍କାଉଟ୍ ଓ ଗାଇଡସ୍ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଉପସ୍ଥିତ ସ୍କାଉଟ୍ ଓ ଗାଇଡ ମାନଙ୍କୁ ବିଭିନ୍ନ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ। ସର୍ବଶେଷରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଯାଜପୁରର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଜୟଶ୍ରୀ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ମହିମା ମହୋତ୍ସବ ଅବସରରେ ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘ ସଭାପତିଙ୍କୁ ସମ୍ବର୍ଦ୍ଧନା

ଅନୁଗୋଳ,(ମହାଭାରତ):ଅନୁଗୋଳ ସହର ଉପକଣ୍ଠ ଅଙ୍ଗାରବନ୍ଧରେ ଅଲେଖ ମହିମା ଶୂନ୍ୟ ମନ୍ଦିର ନିକଟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମହିମା ମହୋତ୍ସବ ଅବସରରେ ଓଡିଶା ସାମ୍ବାଦିକ ୟୁନିୟନ ଅନୁବନ୍ଧିତ ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଆଦରଣୀୟ ଅଜିତ କୁମାର ଧରଙ୍କୁ ସମ୍ମାନନୀୟ ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଲୋକପ୍ରିୟ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଓଡ଼ିଶାର ଘରେ ଘରେ ପରିଚିତ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା



ଦିଆଯାଇଛି । ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘର ନୀତି ଆଦର୍ଶ, ସାଂଗଠନିକ କାର୍ଯ୍ୟ, ବିଚାର ବିମର୍ଶ, ସମାଜ ସେବା, ଜନ ହିତକର ସଚେତନତା, ଲୋକସେବା ଆଦି କାର୍ଯ୍ୟ ବେଶ ଲୋକାଭିମୁଖୀ, ଅଞ୍ଚଳରେ ଚର୍ଚ୍ଚା, ଆଲୋଚନାର ବିଷୟ ପାଲଟିଛି । ସଭାପତି ଅଜିତ କୁମାର ଧରଙ୍କ ଏକାଗ୍ରତା, ଜନଭିମୁଖୀ ହୋଇ ଶୀତ, ବର୍ଷା, ଗ୍ରୀଷ୍ମ କାଳୀନ ଅସହାୟ, ଗରିବର ଦୁଃଖରେ ଦୁଃଖୀ ହେବାର ଜିଜ୍ଞାସା ଉତ୍ସାହକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଅଛି।

## ଜାତୀୟ ବିଦ୍ୟାଳୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା ରେ ଅନୁଗୋଳ ଛାତ୍ରୀ ଙ୍କ ସଫଳତା

ଅନୁଗୋଳ,(ମହାଭାରତ) ଜାତୀୟ ବିଦ୍ୟାଳୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା ରେ ଅନୁଗୋଳ ଛାତ୍ରୀ ଙ୍କ ସଫଳତା । ଚଳିତ ମାସ ୭ ତାରିଖ ରେ ମହାରାଷ୍ଟ୍ର , ନାଗପୁର ର କଲଚରାଲ ଫାଉଣ୍ଡେସନ ଓ ସାଂଚେତି ପବ୍ଲିକ ସ୍କୁଲ ର ମିଳିତ ସହଯୋଗ ରେ ଜାତୀୟ ବିଦ୍ୟାଳୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତା ରେ ନାଲକୋ ନଗର ସରସ୍ତୀ ବିଦ୍ୟା ମନ୍ଦିର ର ଷଷ୍ଠ ଶ୍ରେଣୀ ର ଛାତ୍ରୀ ସୁଶ୍ରୀ ସ୍ମୃତିରେଖା ଚନ୍ଦ , ନୃତ୍ୟଗୁରୁ ଅନିତା ରାଜଗୁରୁ ଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଅଂଶ ଗ୍ରହଣ କରିଥିଲେ । ଉଭୟ ଶାସ୍ତ୍ରୀୟ ଓ ଲୋକନୃତ୍ୟ କନିଷ୍ଠ ବର୍ଗରେ ଦ୍ୱିତୀୟ ରନର୍ସଅପ ସ୍ଥାନ ଅଧିକାର କରିଥିଲେ। ସୂଚନା ଥାଉ କି ଗତ ଜାନୁୟାରୀ ମାସ ରେ ଦୁବାଇ ରେ ଅନୁଷ୍ଠିତ ଅନ୍ତର୍ଜାତୀୟ ନୃତ୍ୟ ପ୍ରତିଯୋଗିତା ରେ ନିଜ ବଡ଼ ଭଉଣୀ ସୁଶ୍ରୀ ସ୍ୱର୍ଣ୍ଣପ୍ରଭା ଙ୍କ ସହ ଯୋଗ ଦେଇ ଶାସ୍ତ୍ରୀୟ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।ଏହି ସଫଳତା ପଛରେ ଗୁରୁ ଅନିତା ରାଜଗୁରୁ ଓ ନିୟୁ କ୍ରିଏସନ ଡ୍ୟାନ୍ସ ଏକାଡେମି ର ଅବଦାନ ଗୁରୁତ୍ୱପୁର୍ଣ୍ଣ ଥିଲାୟଏହି ସଫଳତା ପଛରେ ବିଦ୍ୟାଳୟ ର ଅଧ୍ୟକ୍ଷ, ଗୁରୁଜୀ ଗୁରୁମା ଓ ନାଲକୋ କର୍ତ୍ତୁପକ୍ଷ ଙ୍କ ଦ୍ୱାରା ଉଚ୍ଚ ପ୍ରସଂଶିତ ହୋଇଛନ୍ତି । ଆଗାମୀ ଦିନରେ ଏହି ସଫଳତା ଜାରି ରଖିବେ ବୋଲି କହିଛନ୍ତି।


# ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ




### ଟ୍ରମ୍ପ-ମୋଦୀ ୱାନ ଟୁ ୱାନ
# ଚିନ୍ତାରେ ଚୀନ-ପାକିସ୍ତାନ-ବାଂଲାଦେଶ

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):** ଆମେରିକା ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ଗସ୍ତ ସମୟରେ ସେ ବିଭିନ୍ନ ପ୍ରସଙ୍ଗରେ ଉଭୟ ନେତା ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରୁଛନ୍ତି । ଦୁଇ ବିଶ୍ୱ ନେତା ୱାନ ଟୁ ୱାନ ଆଲୋଚନା କରିବା ପରେ ଚିନ୍ତାରେ ପାକିସ୍ତାନ-ବାଂଲାଦେଶ ଓ ଚୀନ । କାରଣ ଆମେରିକା ଭାରତ ମଧ୍ୟରେ ଲଗାତାର ସମ୍ପର୍କ ମଜବୁତ ହେବାରେ ଲାଗିଛି । ତେଣୁ ଟ୍ରମ୍ପ ସେମାନଙ୍କ ଉପରେ କି ନିର୍ଦ୍ଦେଶନାମା ଜାରି କରୁଛନ୍ତି ସେନେଇ ଏବେଠୁ ଛାତିରେ ପଶିଲାଣି ଛନକା । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦ୍ୱିତୀୟ ଥର ଲାଗି ଆମେରିକାର ରାଷ୍ଟ୍ରପତି ହେବା ପରେ ମୋଦୀଙ୍କୁ ଫୋନ୍ କରି କଥା ହୋଇଥିଲେ ଟ୍ରମ୍ପ । ଖାଲି କଥା ହୋଇଥିଲେ ତାହା ନୁହେଁ ବରଂ ଆମେରିକା ଯିବାକୁ ନିମନ୍ତ୍ରଣ ଦେଇଥିଲେ । ମୋଦୀ ବି କଥା ରଖି ଟ୍ରମ୍ପ ଶପଥ ନେବାର ମାତ୍ର ୩ ସପ୍ତାହ ମଧ୍ୟରେ ଆମେରିକା ଗସ୍ତରେ ଯାଇଛନ୍ତି । ତେଣୁ ଦୁଇ ନେତା ବଡ଼ ନିଷ୍ପତ୍ତି ନେଇପାରନ୍ତି ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ଚିନ୍ତାରେ ପଡ଼ୋଶୀ । ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁସାରେ, ଆମେରିକା ଗସ୍ତରେ ମୋଦୀ ଥିବା ବେଳେ ଟ୍ରମ୍ପଙ୍କ ସହ ବେପାର, ବାଣିଜ୍ୟ, ପ୍ରତିରକ୍ଷା, ଆତଙ୍କବାଦ, ଚୀନର ଦାଦାଗିରି, ଋଷିଆ-ୟୁକ୍ରେନ୍ ଯୁଦ୍ଧ ସହ ଏଚ୍‌ୱାନ-ବି ଭିସା ସମ୍ପର୍କରେ ଆଲୋଚନା ହେଉଛି । ଯେଉଁଥି ଲାଗି ଏହି ଦ୍ୱିପାକ୍ଷିକ ବୈଠକ ଉପରେ ପୁରା ବିଶ୍ୱର ନଜର ରହିଛି । କୁହାଯାଉଛି ଉଭୟ ରାଷ୍ଟ୍ର ଅନେକ କ୍ଷେତ୍ରରେ ବଡ଼ ନିଷ୍ପତ୍ତି ନେଇପାରନ୍ତି । ପୂର୍ବରୁ ଚୀନ ଓ ପାକିସ୍ତାନ ଉପରେ ଆଲୋଚନା ହୋଇଛି ହେଲେ ଏଥର ବାଂଲାଦେଶ ବି ମୁଦ୍ଦାରେ ରହିଛି । କୁହାଯାଉଥିଲା କି, ୬ ମାସ ହେଲାଣି ଉଭୟ ରାଷ୍ଟ୍ର ୟୁକ୍ରେନ୍ ଓ ଋଷିଆ ଯୁଦ୍ଧ ମୁଖ୍ୟ ପ୍ରସଙ୍ଗ ଭିତ୍ତିରେ ଆଲୋଚନା ଚାଲିଥିଲା । ଆଲୋଚନା ପରେ ଆମେରିକା ଯୁଦ୍ଧ ସମ୍ପର୍କରେ ଋଷିଆ ସହ ଆଲୋଚନା କରିଛି । ଖାଲି ଆଲୋଚନା କରିଛି ତାହା ନୁହେଁ ବରଂ କେମିତି ଯୁଦ୍ଧ ବନ୍ଦ ହେବ ସେନେଇ ଆମେରିକା ଚେଷ୍ଟା ବି କରୁଛି । ସେପଟେ ବର୍ତ୍ତମାନ ସ୍ଥିତିରେ ଚୀନ ଭାରତ ସହ ପଙ୍ଗା ନେବାକୁ ଚାହୁଁନି ହେଲେ ଚୀନ ଯେଉଁପରି ଭାବରେ ଆଗ୍ରେସିଭ୍ ହେଉଛି ତାହାକୁ କମାଇବାକୁ ଚାହୁଁଛି ଭାରତ । ମିଳିଥିବା ସୂଚନା ଅନୁସାରେ ଆମେରିକା, ଭାରତ, ଅଷ୍ଟ୍ରେଲିଆ ଓ ଜାପାନ ଅନେକ କ୍ଷେତ୍ରରେ ମିଶିକି କାମ କରୁଛନ୍ତି । କେବଳ ଏହି ଦେଶ ଗୁଡ଼ିକ ନୁହେଁ ବରଂ ଅନେକ ଛୋଟ ଛୋଟ ଦେଶ ମଧ୍ୟ ମିଶିକି କାମ କରୁଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପାକିସ୍ତାନ ସହ ଆମେରିକା କୌଣସି କଥାବାର୍ତ୍ତା ହେବାକୁ ଚାହୁଁନି । ଏମିତିକି ସେ ଦେଶ ଆମେରିକାର ରାଡାରରେ ବି ନାହିଁ ବୋଲି କୁହାଯାଉଛି । ତେଣୁ ପାକିସ୍ତାନ ଯେଉଁ ଆଶା ରଖିଛି ଆମେରିକା ଉପରେ ଆର୍ଥିକ ସହାୟତା ଲାଗି ତାହା ମଧ୍ୟ ମିଳିବ ନାହିଁ ।

# ‘ବିହାର ପାଇଁ ଲାଲୁ ଏବେ ଅଦରକାରୀ’



**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):** ବର୍ଷ ଶେଷ ଆଡ଼କୁ ବିହାର ବିଧାନସଭା ନିର୍ବାଚନ। ହେଲେ ଏବେଠୁ ସରଗରମ ହେଲାଣି ବିହାର ରାଜନୀତି । ଗୋଟିଏ ପଟେ ନୀତିଶ ମୁଖ୍ୟମନ୍ତ୍ରୀ ଥିବା ବେଳେ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଛନ୍ତି । ଏପଟେ ଲାଲୁ ବି ରାଜନୈତିକ ଗୋଟି ଚଳାଇ କ୍ଷମତା ଅକ୍ତିଆର କରିବାକୁ ଚେଷ୍ଟା କରୁଛନ୍ତି । ନିର୍ବାଚନକୁ ହାତରେ ଆହୁରି ୮ ମାସ ପାଖାପାଖି ସମୟ ରହିଛି କିନ୍ତୁ ଏବେଠୁ ନେତାଏ ବୟାନବାଜି ଦେବା ଆରମ୍ଭ କରିଦେଲେଣି । ଖାସ କରି ଏନଡିଏ ଏଥର ଫର୍ମକୁ ଫେରିବ ବୋଲି କୁହାଯାଉଛି । ଯଦି ଏମିତି ହୁଏ ତାହାଲେ ଲାଲୁଙ୍କ ସ୍ୱପ୍ନ ପୂରଣ ହେବ ନାହିଁ । ଏପଟେ ବିହାରର ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସମୟରେ ବିହାରକୁ ଲାଲୁଙ୍କର କୌଣସି ଆବଶ୍ୟକତା ନାହିଁ । ଡେପୁଟି ସିଏମଙ୍କ ଏମିତି ବୟାନ ପରେ ପୁରା ରାଜ୍ୟରେ ଚର୍ଚ୍ଚା ଜୋର । ବିହାର ନିର୍ବାଚନକୁ ନେଇ ଏବେଠୁ ଚର୍ଚ୍ଚା ଆରମ୍ଭ ହୋଇଗଲାଣି । କାରଣ ନୀତିଶ କୁମାର ପୁଣି ଥରେ ସିଏମ ପଦରେ ବସନ୍ତୁ ଏନେଇ ଚାହୁଁନି ଆରଜେଡି । କିନ୍ତୁ ଏନଡିଏ ସହ ମିଶି ପୁଣି ଥରେ ବିହାରରେ ସରକାର କରିବାକୁ ନୀତିଶ ସଜବାଜ ହେଲେଣି । ସେପଟେ ଏନଡିଏ ଓ ନୀତିଶଙ୍କୁ ଟାର୍ଗେଟ୍ କରିଛନ୍ତି ଲାଲୁ । କହିଛନ୍ତି ବିହାରର ବିକାଶ ଏମାନେ କରିପାରିବେ ନାହିଁ । ଏମାନଙ୍କୁ ତଡ଼ିବାର ସମୟ ଆସିଯାଇଛି ବୋଲି କହିବାକୁ ପଛାଇ ନାହାନ୍ତି ଲାଲୁ । ଲାଲୁଙ୍କ ଏମିତି ଟିପ୍ପଣୀ ପରେ ରାଗିପାଚି ଲାଲ୍ ବିହାର ଉପମୁଖ୍ୟମନ୍ତ୍ରୀ ବିଜୟ ସିହ୍ନା । ପ୍ରତିକ୍ରିୟା ରଖି କହିଛନ୍ତି, ଲାଲୁ କାହାକୁ ବିଦା କରିବାର କୌଣସି ଆବଶ୍ୟକତା ନାହିଁ । ବର୍ତ୍ତମାନ ଲାଲୁ ବିହାର ଲାଗି ଜରୁରୀ ନୁହେଁ । ତେଣୁ ସେ ନିଜ ରାସ୍ତା ନିଜେ ଦେଖନ୍ତୁ । ଏମିତି ବୟାନ ଦେବା ପରେ ବିରୋଧୀ ଶିବିରରେ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଲାଲୁ ବିହାରୀଙ୍କୁ ଗାଳି ଦେଇଛନ୍ତି । ରାଜ୍ୟକୁ ବର୍ବାଦ କରିଛନ୍ତି । ଏମିତି ସ୍ଥିତିରେ ତାଙ୍କୁ ଜନତା ଉଚିତ୍ ଜବାବ ଦେବେ । ଏମିତି ନେତା ବିହାରର ବିକାଶ କଣ କରିବେ ବରଂ ବିନାଶ କରିଦେବେ ବୋଲି କହିଛନ୍ତି ବିଜୟ ସିହ୍ନା । ଏପଟେ ଲାଲୁ ବି କଡ଼ା ପ୍ରତିକ୍ରିୟା ରଖିଛନ୍ତି । କହିଛନ୍ତି, ବିହାରରେ ଏଥର ବିଜେପିକୁ କେବେ ବି ଜିତିବାକୁ ଦେବୁ ନାହିଁ । ଦିଲ୍ଲୀରେ ବିଜୟ ହେବା ପରେ ସେମାନେ ଭାବୁଛନ୍ତି ପ୍ରତି ରାଜ୍ୟରେ ବିଜୟ ହେବେ। କିନ୍ତୁ ଦିଲ୍ଲୀ ନିର୍ବାଚନର ସମ୍ପର୍କ ଏ ରାଜ୍ୟ ସହ ନାହିଁ । ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ କିନ୍ତୁ ସ୍ୱପ୍ନ କେବେ ବି ଏଠାରେ ବାସ୍ତବରୂପ ନେବ ନାହିଁ । ସେମାନେ ବି ଭଲରେ ଜାଣନ୍ତି କେମିତି ଓ କେଉଁ ପରିସ୍ଥିତିରେ ସେମାନେ ନିର୍ବାଚିତ ହେଉଛନ୍ତି । ସେପଟେ ଲାଲୁଙ୍କ ବୟାନକୁ ନେଇ ରାଜ୍ୟ ବିଜେପି ସଭାପତି ପ୍ରତିକ୍ରିୟା ରଖିଛନ୍ତି । କହିଛନ୍ତି, ବିହାର ରାଜନୀତିରେ ଲାଲୁଙ୍କ ପତିଆର ସରିସାରିଛି । ସେମାନଙ୍କୁ ଜନତା ବିଶ୍ୱାସ କରିନାହାନ୍ତି କି କରିବେ ନାହିଁ । ପରିବାରବାଦ ରାଜନୀତି ପରିସମାପ୍ତି ହୋଇସାରିଛି ଏଥିରେ କୌଣସି ସନ୍ଦେହ ନାହିଁ । ମୋଟ୍ ଉପରେ ବିହାର ରାଜନୀତିକୁ ନେଇ ଏବେ ଦେଶରେ ଚର୍ଚ୍ଚା ।

# ଶିବାନନ୍ଦ ନୋଡାଲ ହାଇସ୍କୁଲର ୬୧ ତମ ବାର୍ଷିକୋତ୍ସବ



**ଦିଗପହଣ୍ଡି, (ନି.ପ୍ର):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବମକୋଇ ସ୍ଥିତ ଶିବାନନ୍ଦ ନୋଡାଲ ହାଇସ୍କୁଲର ୬୧ ତମ ବାର୍ଷିକୋତ୍ସବ ଗୁରୁବାର ଦିନ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଦିଗପହଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼. ଚିତ୍ତରଞ୍ଜନ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଆଇନଜୀବୀ କୁରେଶୁ ପଣ୍ଡା ଏବଂ ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ କୋରେଶୁ ସେଠୀ, ରାମଜୀ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଡ଼. ଯୁଧିଷ୍ଠିର ସ୍ୱାଇଁ, ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସ୍ମୃତି ବିଶ୍ୱାଳ, ସରପଞ୍ଚ ତପନ କୁମାର ପ୍ରଧାନ, ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚରେ ଆସନ ଅଳଙ୍କୃତ କରିଥିଲେ। ପଣ୍ଡିତ ବିଶ୍ୱନାଥ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ କ୍ରୀଡା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାରେ ସମସ୍ତ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ପ୍ରକାଶ ଚନ୍ଦ୍ର ପ୍ରଧାନ, ପ୍ରଦୀପ ମହାପାତ୍ର, କୁନାଲ ସେଠୀ, ସୁରେନ୍ଦ୍ରନାଥ ଦାସ, ଏସ୍. ନାରସୁଙ୍ଗୁଲୁ ପାତ୍ର, ଶିକ୍ଷୟିତ୍ରୀ ମନାଲିତା ନାୟକ, ଏ . ସ୍ୱାତୀ, ଶୈଳବାଳା ବଡମୁଣ୍ଡି, ହରିଦ୍ରା ମିଶ୍ର ଏବଂ କ୍ରୀଡା ଶିକ୍ଷୟିତ୍ରୀ ସମେତ ପରିଚାଳନା କମିଟି ସଦସ୍ୟ ମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।

### ୨୬ରୁ ପ୍ରସିଦ୍ଧ ବେଦବ୍ୟାସ ମେଳା ଆରମ୍ଭ
# ‘ସୁରକ୍ଷା, ପରିମଳ ଓ ଆଲୋକୀକରଣ ବ୍ୟବସ୍ଥାକୁ ଗୁରୁତ୍ୱ’




**ରାଉରକେଲା,(ନିପ୍ର):** ରାଉରକେଲାର ପ୍ରସିଦ୍ଧ ବେଦବ୍ୟାସ ପୀଠରେ ଚଳିତ ବର୍ଷ ମହାଶିବରାତ୍ରୀ ଉପଲକ୍ଷେ ଆୟୋଜିତ ମେଳା ଆସନ୍ତା ୨୬ରେ ଆରମ୍ଭ ହେବ। ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ବେଦବ୍ୟାସ ଟ୍ରଷ୍ଟ ବୋର୍ଡ, ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଏବଂ ରାଉରକେଲା ମହାନଗର ନିଗମ ପକ୍ଷରୁ ମହାଶିବରାତ୍ରୀ ଦିବସ ଓ ମେଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଅଧକ୍ଷତାରେ କରିଥିଲେ। ମହାଶିବରାତ୍ରୀ ପାଇଁ ବେଦବ୍ୟାସ ପୀଠରେ ଚଳିତ ବର୍ଷ ୧୩ ଦିନ ଧରି ମେଳା ଆୟୋଜନ କରାଯିବ। ଫେବୃଆରୀ ୨୬ରେ ଆରମ୍ଭ ହୋଇ ୧୦ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ମେଳାରେ ଟ୍ରାଫିକ ପରିଚାଳନା ଏବଂ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ରଖିବାକୁ ଆବଶ୍ୟକ ପୁଲିସ ଫୋର୍ସଙ୍କ ସହ ସିଭିଲ ଡିଫେନ୍ସର ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ନିୟୋଜିତ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅଗ୍ନି ନିରାପତ୍ତାକୁ ଦୃଷ୍ଟିରେ ରଖି ରାଉରକେଲା ଅଗ୍ନିଶମ ବିଭାଗ ପକ୍ଷରୁ ମେଳାରେ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଅଗ୍ନିଶମ କର୍ମଚାରୀଙ୍କ ସହ କୁଇକ୍ ରେସପନ୍ସ ଟିମ୍ ମହଜୁଦ ରଖାଯିବାର ବୈଠକରେ ନିଷ୍ପତ୍ତି ନିଆଯାଇଛି। ନଦୀ ଘାଟ ଏବଂ ବେଦବ୍ୟାସ ମନ୍ଦିର ନିକଟରେ ବ୍ୟାରିକେଡ୍ କରିବାକୁ ପ୍ରଶାସନ ପକ୍ଷରୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମେଳା ଚାଲିଥିବା ସମୟରେ ମନ୍ଦିରା ଡ୍ୟାମରୁ ବ୍ରାହ୍ମଣୀ ନଦୀକୁ ପାଣି ନଛାଡ଼ିବା ଲାଗି ଆର୍ଏସ୍‌ପି ଅଧିକାରୀମାନଙ୍କୁ କୁହାଯାଇଛି। ବେଦବ୍ୟାସ ପୀଠରେ ହେବାକୁ ଥିବା ମେଳାରେ ଲୋକମାନଙ୍କ ସୁବିଧା ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ୱାଟକୋ ଏବଂ ମନ୍ଦିର ଚର୍ତୁପାର୍ଶ୍ୱ ଓ ମେଳା ପଡିଆ କୁ ନିୟମିତ ପରିଷ୍କାର ପରିଚ୍ଛନ୍ନତା ପାଇଁ ରାଉରକେଲା ମହାନଗର ନିଗମକୁ ଦାୟିତ୍ୱ ଦିଆଯାଇଛି। ନିରବଚ୍ଛିନ୍ନ ବିଦ୍ୟୁତ ସେବା ଲାଗି ଟିପିଡବ୍ଲୁଡିଏଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମେଳାରେ ଅସ୍ଥାୟୀ ଚିକିତ୍ସା ଶିବିର ସହ ମେଡିକାଲ ଷ୍ଟାଫ ଓ ୨ଟି ଆମ୍ବୁଲାନ୍ସ ମହଜୁଦ୍ ରଖାଯିବ। ମେଳାରେ ଟ୍ରାଫିକ ପରିଚାଳନା ଏବଂ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ରଖିବାକୁ ଆବଶ୍ୟକ ପୁଲିସ ଫୋର୍ସଙ୍କ ସହ ସିଭିଲ ଡିଫେନ୍ସର ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ନିୟୋଜିତ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅଗ୍ନି ନିରାପତ୍ତାକୁ ଦୃଷ୍ଟିରେ ରଖି ରାଉରକେଲା ଅଗ୍ନିଶମ ବିଭାଗ ପକ୍ଷରୁ ମେଳାରେ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଅଗ୍ନିଶମ କର୍ମଚାରୀଙ୍କ ସହ କୁଇକ୍ ରେସପନ୍ସ ଟିମ୍ ମହଜୁଦ ରଖାଯିବାର ବୈଠକରେ ନିଷ୍ପତ୍ତି ନିଆଯାଇଛି। ନଦୀ ଘାଟ ଏବଂ ବେଦବ୍ୟାସ ମନ୍ଦିର ନିକଟରେ ବ୍ୟାରିକେଡ୍ କରିବାକୁ ପ୍ରଶାସନ ପକ୍ଷରୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମେଳା ଚାଲିଥିବା ସମୟରେ ମନ୍ଦିରା ଡ୍ୟାମରୁ ବ୍ରାହ୍ମଣୀ ନଦୀକୁ ପାଣି ନଛାଡ଼ିବା ଲାଗି ଆର୍ଏସ୍‌ପି ଅଧିକାରୀମାନଙ୍କୁ କୁହାଯାଇଛି। ବେଦବ୍ୟାସ ପୀଠରେ ହେବାକୁ ଥିବା ମେଳାରେ ଲୋକମାନଙ୍କ ସୁବିଧା ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ୱାଟକୋ ଏବଂ ମନ୍ଦିର ଚର୍ତୁପାର୍ଶ୍ୱ ଓ ମେଳା ପଡିଆ କୁ ନିୟମିତ ପରିଷ୍କାର ପରିଚ୍ଛନ୍ନତା ପାଇଁ ରାଉରକେଲା ମହାନଗର ନିଗମକୁ ଦାୟିତ୍ୱ ଦିଆଯାଇଛି। ନିରବଚ୍ଛିନ୍ନ ବିଦ୍ୟୁତ ସେବା ଲାଗି ଟିପିଡବ୍ଲୁଡିଏଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମେଳାରେ ଅସ୍ଥାୟୀ ଚିକିତ୍ସା ଶିବିର ସହ ମେଡିକାଲ ଷ୍ଟାଫ ଓ ୨ଟି ଆମ୍ବୁଲାନ୍ସ ମହଜୁଦ୍ ରଖାଯିବ। ମେଳାରେ ଆଲୋକୀକରଣ, ବେଦବ୍ୟାସ ମନ୍ଦିରର ସାଜସଜ୍ଜା ଉପରେ ବିଶେଷ ଗୁରୁତ୍ୱ ଦେବା ଲାଗି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଉପଜିଲ୍ଲାପାଳ ପାନପୋଷ ବିଜୟ ନାୟକ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ସହାୟକ ଆୟୁକ୍ତ ଅଜିତ ପଟ୍ଟନାୟକ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ



**ତେନ୍ତୁଲିଖୁଣ୍ଟି, (ନି.ପ୍ର):** ବ୍ଲକ ସ୍ତରୀୟ ନିପୁଣ ଓଡିଶା କାର୍ଯ୍ୟକ୍ରମ ତେନ୍ତୁଲିଖୁଣ୍ଟି ବ୍ଲକ ଅନ୍ତର୍ଗତ ପୂଜାରୀଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ରେ ବ୍ଲକର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟର ୧ମ,୨ୟ, ୩ୟଶ୍ରେଣୀରେ ଅଧ୍ୟୟନ ରତ ଛାତ୍ରଛାତ୍ରୀ ଙ୍କର ସମେତ ଅଭିଭାବକ ମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଗାଇଡ଼ ଶିକ୍ଷକ, ଶିକ୍ଷୟତ୍ରୀଙ୍କର ତତ୍ୱାଧାନରେ ଛାତ୍ରଛାତ୍ରୀଙ୍କର ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ରମେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମୋହନ ମଧୁସୂଦନ ବାଗ, ପୂଜାରୀଗୁଡା ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମହାପାତ୍ର, ପରିଚାଳନା କମିଟିର ସଭାପତି ଶେଖର ଖୁରା, ସରପଞ୍ଚ ପୂଜାରୀଗୁଡା ଅନାଦି ମାଝୀ, ତେନ୍ତୁଲିଖୁଣ୍ଟି ସରପଞ୍ଚ ଟୋଭା ନାୟକ,ସମିତି ସଭ୍ୟ ତେନ୍ତୁଲିଖୁଣ୍ଟି ମଧୁସ୍ମିତା ପାଣିଗ୍ରାହୀ, ବରିଷ୍ଠ ଶିକ୍ଷକ କ୍ଷେତ୍ର ମୋହନ ବିଷୋୟୀ ଓ ମାନ୍ୟଗଣ୍ୟ ଅତିଥିଙ୍କର ଉପସ୍ଥିତିରେ ପ୍ରଥମେ ପୂଜାଅର୍ଚ୍ଚନା କରା ଯାଇ ନିପୁଣ ଓଡିଶା ଲୋଗର ଉନ୍ମୋଚନ କରା ଯାଇ ଶପଥ ପାଠ କରା ଯାଇଥିଲା। ମୁଖ୍ୟ ଅତିଥି ଶ୍ରୀରାୟ ଉପସ୍ଥିତ ଛାତ୍ରଛାତ୍ରୀଙ୍କର ଉଦେଶ୍ୟରେ ଅଭିଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ପୂଜାରୀଗୁଡା ବିଦ୍ୟାଳୟର ସହକାରୀ ଶିକ୍ଷକ ବିଭୁତି କୁମାର ପତି ମଞ୍ଚ ପରିଚାଳନା କରିଥିଲେ।

## ଆୟୁଷ୍ମାନ ଆରୋଗ୍ୟ ଶିବିର

**ମାଲକାନଗିରି, (ନି.ପ୍ର):** ମାଲକାନଗିରି ଜିଲ୍ଲାର ଶିଖପାଲ୍ଲିସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ. ଭି-୧୯ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଚିକିତ୍ସା ଅଧିକାରୀ ଡ.ମହେଶ କୁମାର ବାରିକ, ଶିଖପାଲ୍ଲି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ୱର୍ଣ୍ଣପ୍ରଭା ରାମ, ମହିଳା ସ୍ୱାସ୍ଥ୍ୟ କର୍ମୀ ସନ୍ତୋସୀ ରାୟ ଯୋଗ ଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସ୍ୱାସ୍ଥ୍ୟ ଯାଂଚ କରି ଔଷଧ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟତଃ ମାଆ ଓ ଶିଶୁର ଯତ୍ନ,ବୃଦ୍ଧବୃଦ୍ଧାଙ୍କ ଯତ୍ନ, କିଶୋରୀ ସ୍ୱାସ୍ଥ୍ୟର ଯତ୍ନ, ଅଣସଂକ୍ରମିତ, ସଂକ୍ରମିତ ରୋଗ, ଆଖିର ଯତ୍ନ, ପାଟିର ଯତ୍ନ, ମାନସିକ ସ୍ୱାସ୍ଥ୍ୟ, ଜରୁରୀକାଳୀନ ସେବା , ସାଧାରଣ ରୋଗର ଚିକିତ୍ସା ସହ ବିଭିନ୍ନ ୧୨ ଟି ସେବା ପ୍ରଦାନ କରାଯାଇଛି।

# ଛଟେଇ ଡାଟାଏଣ୍ଟ୍ରି ଅପରେଟରଙ୍କ ପୁନଃ ନିଯୁକ୍ତି ଦାବି




**ବ୍ରହ୍ମପୁର,(ନିପ୍ର):** ବ୍ରହ୍ମପୁର ବଡ ମେଡ଼ିକାଲ ଟିକେଟ କାଉଣ୍ଟର ଓ ଓପିଡି ର ବିଭିନ୍ନ ବିଭାଗ ରେ କାର୍ଯ୍ୟରତ ଡାଟାଏଣ୍ଟ୍ରି ଅପରେଟର ଦୀର୍ଘ ଦିନ ହେବ ମଲ୍ଟିସଫ୍ଟ ପ୍ରାଇଭେଟ ଲିମିଟେଡ଼, କଟକ ଅଧୀନରେ କାର୍ଯ୍ୟ କରି ଆସୁଥିବା ବେଳେ ମିଳିଥିବା ସୂଚନା ପ୍ରକାରେ ବର୍ତ୍ତମାନ ଓପିଡି ଟିକେଟ କାଉଣ୍ଟର ପାଇଁ ସିଡ଼ାକ ନାମକ ନୂତନ ସଂସ୍ଥା ଅନୁବନ୍ଧିତ ହୋଇଛି ଫଳରେ ମୋଟ ୩୩ ଜଣ କର୍ମଚାରୀ ମଧ୍ୟରୁ ୧୩ ଜଣରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ମିଳିନି ଫଳରେ ଆଜି ସକାଳୁ କର୍ମଚାରୀ ମାନେ ଡ୍ୟୁଟି କୁ ଆସି ଅପେକ୍ଷା କରିଥିଲେ କିନ୍ତୁ ପୁରୁଣା ସଂସ୍ଥା ଓ ମେଡିକାଲ ପ୍ରଶାସନ ତରଫରୁ ତୁମ ଚାକିରି ନାହିଁ କହି ଘଉଡ଼ାଇ ଦିଆଯାଇଥିଲା ଏହାକୁ ନେଇ ସମସ୍ତ କର୍ମଚାରୀ ଓପିଡି କାଉଣ୍ଟର ଆଗରେ ଅପେକ୍ଷା କରିବା ସହିତ ଛଟେଇର ପ୍ରତିବାଦ କରିଥିଲେ ଓ ସେଇ ସମୟରେ ମେଡିକାଲର ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା ଆସି ଆଲୋଚନା ନକରି ମହିଳା କର୍ମଚାରୀଙ୍କୁ ରୁକ୍ଷ ବ୍ୟବହାର କରିବା ସହିତ ସମସ୍ତ କର୍ମଚାରୀ ଙ୍କୁ ବାହାରକୁ ଘଉଡ଼ାଇ ଥିଲେ ଓ ଯାହାକୁ ନେଇ କର୍ମଚାରୀ ସଂଘ ପକ୍ଷରୁ ଏହାକୁ ଦୃଢଭାବେ ନିନ୍ଦା କରାଯାଇଛି ଓ ନୂତନ ସଂସ୍ଥା ଦ୍ୱାରା ଅଧା କର୍ମଚାରୀରେ ମାତ୍ରାଧିକ ଗହଳିରେ ଟିକେଟ କାଉଣ୍ଟର ଚାଲିଥିବା ବେଳେ ସବୁ ବର୍ହି ବିଭାଗର ସ୍କାନିଙ୍ଗ କାମ ପ୍ରାୟତଃ ବନ୍ଦ ରହିଥିଲା ଏପରିକି କାଜୁଆଲିଟି ରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପୁରୁଣା ସଂସ୍ଥା ଦ୍ୱାରା ଟିକେଟ ଦେବା ବନ୍ଦ ହୋଇଥିଲା କିଛି ସମୟ ପରେ ସ୍ୱାଭାବିକ ହୋଇଥିଲା ଓ ମଧ୍ୟାହ୍ନରେ ମେଡିକାଲ ସୁପରିଟେଣ୍ଡେଣ୍ଟ ସୁଚିତ୍ରା ଦାସ ଓ ନୋଡାଲ ଅଫିସର ମନୋଜ ପାତ୍ରଙ୍କ ସହ ଆଲୋଚନା ପରେ ଆସନ୍ତା ସୋମବାର ଭିତରେ ପୁନଃ ନିଯୁକ୍ତି କଥା ବିଚାର କରାଯିବାକୁ ପ୍ରତିଶୃତି ମିଳିବା ପରେ କର୍ମଚାରୀ ମାନେ ଆସନ୍ତାକାଲି ଡ୍ୟୁଟିରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି ଓ ବିନା ନୋଟିସରେ ଏପରି ଅମାନବୀୟ ଭାବେ ଛଟେଇ କରିବା ଓ ମେଡିକାଲ କର୍ତୃପକ୍ଷ ବିନା ଆଲୋଚନାରେ ରୁକ୍ଷ ବ୍ୟବହାରରେ ଘଉଡ଼ାଇବା କୁ ସାଧାରଣ ରେ ନିନ୍ଦା କରାଯାଉଥିବା ବେଳେ ଓ ମେଡିକାଲ ଟିକେଟ କାଉଣ୍ଟରରେ ମାତ୍ରାଧିକ ଗହଳିକୁ ସମ୍ଭାଳିବାକୁ କର୍ମଚାରୀ ସଂଖ୍ୟା ବଢାଇବା ବଦଳରେ କର୍ମଚାରୀ କମାଇ ସେବା କିଭଳି ସରଳୀକରଣ ହେବ ତାହାଲେ ମଧ୍ୟ ପ୍ରଶ୍ନବାଚୀ ? ବେଆଇନ ଭାବେ ଏଜେନ୍ସି ମାନଙ୍କ ଦ୍ୱାରା ସିକ୍ୟୁରିଟି ଡିପୋଜିଟ ନାମରେ ହଜାର ହଜାର ଟଙ୍କା କାରବାର କରି ନୂତନ କର୍ମଚାରୀଙ୍କ ନିଯୁକ୍ତି କରିଥିଲେ ମଧ୍ୟ ଏଭଳି ଅଭିଜ୍ଞ କର୍ମଚାରୀ ମାନଙ୍କୁ ଛଟେଇ ନକରାଯାଇ ଅଭିଜ୍ଞତା ଭିତ୍ତିରେ ନିଯୁକ୍ତି ନ ଦିଆଗଲେ ଆଗାମୀ ଦିନରେ ପୁନଶ୍ଚ ଆନ୍ଦୋଳନ କରିବାକୁ ସଂଘ ତରଫରୁ ଓଡିଶା ମେଡିକାଲ ଆଉଟସୋର୍ସିଂ କର୍ମଚାରୀ ସଂଘ ରାଜ୍ୟ ଆବାହକ ପ୍ରତାପ ପ୍ରଧାନ ସୂଚନା ଦେଇଛନ୍ତି ।

# କାର୍ଯ୍ୟକ୍ଷମ ଅପେକ୍ଷାରେ ଗୋବିନ୍ଦତୋଳା ଦ୍ୱିତୀୟ ପୋଲ



**ସମ୍ବଲପୁର, (ନିପ୍ର):** ସମ୍ବଲପୁର ମହାନଗର ନିଗମ ଗଠିତ ହେବାର ୧୨ ବର୍ଷ ବିତିଯାଇଥିବା ସତ୍ତ୍ୱେ ପର୍ଯ୍ୟନ୍ତ ନିଗମ ନିର୍ବାଚନ ପାଇଁ ପୂର୍ବ ସରକାର ସହିତ ନୂତନ ସରକାର ଉଦାସୀନ ରହିଛନ୍ତି। ପୂର୍ବ ସରକାର ସମୟରେ ଯେଉଁଭଳି ବାବୁ ରାଜ ଚାଲିଥିଲା, ଏବେ ମଧ୍ୟ ସେହିଭଳି ଚାଲୁଥିବାର ପରିଲକ୍ଷିତ ହେଉଛି। ନୂତନ ସରକାର ଗଠନ ହେବାର ପ୍ରାୟ ୭ ମାସ ହୋଇ ସାରିଥିବା ବେଳେ କିନ୍ତୁ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ସମ୍ପର୍କରେ ଜନପ୍ରତିନିଧିଙ୍କ ଠାରୁ ସରକାର ପର୍ଯ୍ୟନ୍ତ ସମସ୍ତେ ନୀରବ। ମହାନଗର ନିଗମ ଅଞ୍ଚଳରେ ଜନସଂଖ୍ୟା ସହିତ ଯାନବାହନ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ଲକ୍ଷ୍ୟରେ ରଖି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଜାରି ରହିଛି। ଏହି କ୍ରମରେ ପ୍ରାୟ ୫ ବର୍ଷ ହେବ ଗୋବିନ୍ଦତୋଳା ଠାରେ ଦ୍ୱିତୀୟ ପୋଲ ହରଡ ଜୋର ନାଳ ଉପରେ ନିର୍ମାଣ ହୋଇଛି। କିନ୍ତୁ ବିଡମ୍ବନାର ବିଷୟ ଯେ, ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇ ପାରି ନାହିଁ। ନିଗମ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଏହି ପୋଲ ଉପରେ ଦୀର୍ଘ ବର୍ଷ ଧରି ଦୈନିକ ପରିବା ବଜାର ବସୁଥିବା ବେଳେ ଏହାର ଉଭୟ ପାର୍ଶ୍ୱରେ ରହିଥିବା କୋଠାଘର ଗୁଡ଼ିକୁ ଦଖଲ ଆଜି ପର୍ଯ୍ୟନ୍ତ କରାଯାଇ ନାହିଁ। ଫଳରେ ପ୍ରଶାସନିକ ଆନ୍ତରିକତାର ଅଭାବ ଯୋଗୁଁ ଏହି ଦ୍ୱିତୀୟ ପୋଲ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରି ନାହିଁ। ଏହି ଦ୍ୱିତୀୟ ପୋଲକୁ ମୁଖ୍ୟ ରାସ୍ତା ସହିତ ସିଧାସଳଖ ସଂଯୋଗ କରାଯାଉ ନ ଥିବାରୁ ଏହାର ବ୍ୟବହାର ହୋଇ ପାରୁ ନାହିଁ ଏବଂ ଲୋକେ ପୂର୍ବରୁ ଥିବା ପୋଲ ଉପରେ ହିଁ ନିର୍ଭରଶୀଳ ହୋଇ ରହୁଛନ୍ତି। ବାରମ୍ବାର ଦାବି ପରେ ପରିବା ବଜାରକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ କିନ୍ତୁ ଏହି ପୋଲ ଆଜି ମଧ୍ୟ ଗତାଗତ ପାଇଁ ଅନୁକୂଳ ହୋଇ ପାରି ନାହିଁ। ଏହି ପୋଲର ଉଭୟ ପାର୍ଶ୍ୱରେ ବିଭିନ୍ନ କୋଠା ଗୁଡିକୁ ଉଚ୍ଛେଦ ପାଇଁ ବାରମ୍ବାର ପ୍ରଶାସନ ଦ୍ୱାରା ଚିହ୍ନଟ କରାଯିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ପାରି ନାହିଁ। ଏଣୁ ପୋଲକୁ ଯିବା ରାସ୍ତା ବନ୍ଦେଇ ହୋଇ ରହିଛି। ଏଥି ସହ ଏହି ପୋଲରେ ନିର୍ମାଣ ସାମଗ୍ରୀ ଗୁଡିକ ଗଦା ହୋଇ ରହିଥିବା ବେଳେ ଏହାକୁ ହଟା ମଧ୍ୟ ଯାଉ ନାହିଁ। ଏଣୁ ଏହି ପୋଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସୂର୍ଯ୍ୟ ପାଣିଗ୍ରାହୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯିବା ସତ୍ତ୍ୱେ ତାହା ସମ୍ଭବପର ନ ହେବାରୁ ପ୍ରତିକ୍ରିୟା ମିଳି ପାରି ନାହିଁ।

# ଏଥର ଚାମ୍ପିୟନଙ୍କ ବିନା ଖେଳାଯିବ ଚାମ୍ପିୟନ୍ସ ଟ୍ରଫି







**ନୂଆଦିଲ୍ଲୀ,୧୫।୨:** ଆସନ୍ତା ୧୯ ତାରିଖରୁ ଆରମ୍ଭ ହେଉଛି ଆଇସିସି ଚାମ୍ପିୟନ୍ସ ଟ୍ରଫି। ଦୀର୍ଘ ୮ ବର୍ଷ ପରେ ଚାମ୍ପିଆନ୍ସ ଟ୍ରଫି ବା ମିନି ବିଶ୍ୱକପ ଖେଳା ଯାଉଛି। ପାକିସ୍ତାନ ଏହାର ଆୟୋଜନ କରୁଥିବା ବେଳେ ଭାରତ ତା'ର ମ୍ୟାଚ୍ ଗୁଡ଼ିକ ଦୁବାଇରେ ଖେଳିବ। ବିଶ୍ୱର ଟପ୍ ୮ ଟିମକୁ ନେଇ ଚାମ୍ପିୟନ୍ସ ଟ୍ରଫି ଦିନିକିଆ। ଫର୍ମାଟରେ ଖେଳାଯିବ। ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ ହୋଇଛି। ଆଇସିସିର ସମୟସୀମା ପୂର୍ବରୁ ସମସ୍ତ ୮ ଦଳ ସେମାନଙ୍କ ସ୍କ୍ୱାଡ ମଧ୍ୟ ଘୋଷଣା କରି ସାରିଛନ୍ତି। କିନ୍ତୁ ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫିରେ ଅନେକ ଚାମ୍ପିୟନ ଖେଳାଳି ନଜର ଆସିବେ ନାହିଁ। ଷ୍ଟାର ଖେଳାଳିଙ୍କ ଅନୁପସ୍ଥିତି ବିଭିନ୍ନ ଟିମର ସନ୍ତୁଳନକୁ ବିଗାଡ଼ି ଥିବା ବେଳେ ଫ୍ୟାନ୍ସ ମଧ୍ୟ ନିରାଶ ହେବେ। ସବୁଠାରୁ ଅଧିକ ପ୍ରଭାବିତ ହେବାକୁ ଥିବା ଦଳ ହେଉଛି ଅଷ୍ଟ୍ରେଲିଆ। କଙ୍ଗାରୁ ଟିମ ବ୍ୟତୀତ ଅନ୍ୟ ଦଳ ଗୁଡ଼ିକ ମଧ୍ୟ ସେମାନଙ୍କ ଷ୍ଟାର ଖେଳାଳିଙ୍କୁ ଚାମ୍ପିୟନ୍ସ ଟ୍ରଫିରେ ମିସ କରିବେ। ଚାମ୍ପିୟନ ଖେଳାଳିଙ୍କୁ ବାଦ ଦେଇ କେମିତି ଟୁର୍ଣ୍ଣାମେ ରେ ପ୍ରଦର୍ଶନ କରିବାକୁ ହେବ, ସେଥିପାଇଁ ସବୁ ଦଳ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି। ଅଧିକାଂଶ ଦଳର ଷ୍ଟାର ଖେଳାଳି ଆହତ ସମସ୍ୟା ଯୋଗୁ ଚାମ୍ପିଆନ୍ସ ଟ୍ରଫିରୁ ବାଦ ପଡ଼ିଛନ୍ତି। ସେହିପରି ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ବ୍ୟକ୍ତିଗତ କାରଣ ପାଇଁ ମିନି ବିଶ୍ୱକପ ଖେଳିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଏହାବାଦ ଅପ୍ରତ୍ୟାଶିତ ଅବସର ଯୋଗୁ କିଛି ବଡ଼ ଖେଳାଳି ବାଉଣ୍ଡରୀ ବାହାରେ ରହି ଚାମ୍ପିୟନ୍ସ ଟ୍ରଫି ଦେବାକୁ ବାଧ୍ୟ ହେଉଛନ୍ତି। ଫ୍ୟାନ୍ସ ନିଶ୍ଚିତ ଭାବେ ଷ୍ଟାର ଖେଳାଳିଙ୍କୁ ମିସ କରିବେ। ହେଲେ ଏହା ନୂଆ। ଖେଳାଳିଙ୍କୁ ନିଜ ପ୍ରତିଭା ଦେଖାଇବାର ସୁଯୋଗ ଦେବ। ଷ୍ଟାର ଖେଳାଳିଙ୍କ ଅନୁପସ୍ଥିତି ଟୁର୍ଣ୍ଣାମେଣ୍ଟ ଉପରେ ପ୍ରଭାବ ପକାଇବ। କିଛି ଦଳ ଷ୍ଟାର ଖେଳାଳିଙ୍କ ବଦଳରେ ଉପଯୁକ୍ତ ପ୍ରତିଭାକୁ ପାଇବାକୁ ସକ୍ଷମ ହୋଇଛନ୍ତି। କିନ୍ତୁ ଆଉ କିଛି ଦଳ ଷ୍ଟାର ଖେଳାଳିଙ୍କ ଅଭିଜ୍ଞତା ଓ ଦକ୍ଷତାକୁ ମ୍ୟାଚ୍ କରିବା ଭଳି ଖେଳାଳିଙ୍କୁ ପାଇ ନାହାନ୍ତି। ଟୁର୍ଣ୍ଣାମେ ଆରମ୍ଭ ହେବା ପରେ ଷ୍ଟାର ଖେଳାଳିଙ୍କ ଅନୁପସ୍ଥିତି କେମିତି ଟିମ ଉପରେ ପଡୁଛି, ତା' ଉପରେ ସମସ୍ତଙ୍କ ନଜର ରହିବ। ସେହିପରି ଷ୍ଟାର ଖେଳାଳିଙ୍କ ବଦଳରେ ସୁଯୋଗ ପାଇଥିବା ନୂଆ ପ୍ରତିଭାମାନେ କେମିତି ଶୂନ୍ୟସ୍ଥାନକୁ ପୂରଣ କରୁଛନ୍ତି, ତା' ବି ଦେଖିବାର ଅଛି।

ଯଶପ୍ରୀତ ବୁମ୍ରା(ଭାରତ): ଭାରତର ସ୍ପିଡଷ୍ଟାର ଯଶପ୍ରୀତ ବୁମ୍ରା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବୋଲର। ପିଠି ଜନିତ ସମସ୍ୟା ଯୋଗୁ ସେ ଚାମ୍ପିଆନ୍ସ ଟ୍ରଫିରେ ନଜର ଆସିବେ ନାହିଁ। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ଟେଷ୍ଟରେ ବୁମ୍ରା ଆହତ ହୋଇଥିଲେ। ଆହତ ସମସ୍ୟାରୁ ବୁମ୍ରା ଶତପ୍ରତିଶତ ମୁକୁଳି ନଥିବାରୁ ସେ ଚାମ୍ପିୟନ୍ସ ଟ୍ରଫିରୁ ବାଦ ପଡ଼ିଛନ୍ତି। ବୁମ୍ରା ବାଦ ପଡ଼ିବାରୁ ବିସିସିଆଇ ଚାମ୍ପିୟନ୍ସ ଟ୍ରଫି ସ୍କ୍ୱାଡରେ ଯୁବ ତାରକା ହର୍ଷିତ ରାଣାଙ୍କୁ ସାମିଲ କରିଛି। କିନ୍ତୁ ସେ ଯେ ବୁମ୍ରାଙ୍କ ସ୍ଥାନ ପୂରଣ କରିପାରିବେ, ତା'ହା ଅତ୍ୟନ୍ତ କଷ୍ଟକର।

ଜ୍ୟାକବ ବେଥେଲ(ଇଂଲଣ୍ଡ): ଇଂଲିଶ ଟିମର ଯୁବ ବ୍ୟାଟିଂ ଅଲରାଉଣ୍ଡର ଜ୍ୟାକବ ବେଥେଲ ଭାରତ ବିପକ୍ଷ ଦିନିକିଆ ସିରିଜରେ ଆହତ ହୋଇଥିଲେ। ନାଗପୁରରେ ଆହତ ହୋଇଥିବା ବେଥେଲ ଏବେ ଚାମ୍ପିୟନ୍ସ ଟ୍ରଫିରୁ ବାଦ ପଡ଼ିଛନ୍ତି। ଏହାର ଅର୍ଥ ଇଂଲଣ୍ଡ ଟିମ ଚାମ୍ପିୟନ୍ସ ଟ୍ରଫିରେ ବେଥେଲଙ୍କ ଦମଦାର ବ୍ୟାଟିଂକୁ ମିସ କରିବ। ଏଥିସହ ସ୍ପିନକୁ ସୁହାଉଥିବା ପିଚରେ ତାଙ୍କ ବାମହାତୀ ବୋଲିଂର ଅନୁପସ୍ଥିତି ଅନୁଭବ ହେବ। ବେଥେଲଙ୍କ ବଦଳରେ ବ୍ୟାଟର ଟମ ବାନ୍ଟନଙ୍କୁ ଚାମ୍ପିୟନ୍ସ ଟ୍ରଫି ସ୍କ୍ୱାଡରେ ସାମିଲ କରାଯାଇଛି। ଅନରିଚ ନୋର୍ଖିୟା (ଦକ୍ଷିଣ ଆଫ୍ରିକା): ଦଳର ଦ୍ରୁତ ବୋଲିଂ ବାହିନୀ ନିଶ୍ଚିତ ଭାବେ ଚାମ୍ପିୟନ୍ସ ଟ୍ରଫିରେ ନୋର୍ଖିୟାଙ୍କ ଅନୁପସ୍ଥିତି ଅନୁଭବ କରିବ। ସେ କ୍ରମାଗତ ୧୫୦ରୁ ଅଧିକ ସ୍ପିଡ ବୋଲିଂ ପାଇଁ ବେଶ ଜଣାଶୁଣା। ୨୦୨୩ରୁ ପିଠି ଯନ୍ତ୍ରଣା ଦେଇ ଗତି କରୁଥିବା ନୋର୍ଖିୟା ନିକଟରେ ଫିଟ ହୋଇଯାଇଥିଲେ। କିନ୍ତୁ ଦକ୍ଷିଣ ଆଫ୍ରିକା ଟି-୨୦ ପୂର୍ବରୁ ସେ ପୁଣି ଆହତ ହୋଇଥିଲେ। ଏଥିଯୋଗୁ ତାଙ୍କୁ ଚାମ୍ପିୟନ୍ସ ଟ୍ରଫିରୁ ବାଦ ଦିଆଯାଇଛି।

ଗେରାଲ୍ଡ କୋଏଜି(ଦକ୍ଷିଣ ଆଫ୍ରିକା): ଭାରତରେ ଖେଳାଯାଇଥିବା ୨୦୨୩ ଦିନିକିଆ ବିଶ୍ୱକପରେ କୋଏଜି ନିଜର ବୋଲିଂ ମାଧ୍ୟମରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ୨୪ ବର୍ଷୀୟ କୋଏଜି ଅଣ୍ଟା ଜନିତ ସମସ୍ୟାରେ ପଡ଼ିଛନ୍ତି। ଏଥିଯୋଗୁ ତାଙ୍କୁ ପାକିସ୍ତାନରେ ଅନୁଷ୍ଠିତ ତ୍ରିପାକ୍ଷିକ ସିରିଜରୁ ବାଦ ଦିଆଯାଇଥିଲା। ସେ ଚାମ୍ପିୟନ୍ସ ଟ୍ରଫି ମଧ୍ୟ ଖେଳିବେ ନାହିଁ। ପାଟ କମିନ୍ସ(ଅଷ୍ଟ୍ରେଲିଆ): ଚାମ୍ପିୟନ୍ସ ଟ୍ରଫିରେ ଅଷ୍ଟ୍ରେଲିଆ ତା'ର ପ୍ରଥମ ପସନ୍ଦର ପେସ୍ ଆଟାକକୁ ମିସ କରିବ। ସେହିପରି ଦଳର ନିୟମିତ ଅଧିନାୟକ ପାଟ କମିନ୍ସ ମଧ୍ୟ ଚାମ୍ପିୟନ୍ସ ଟ୍ରଫିରେ ନଜର ଆସିବେ ନାହିଁ। ବର୍ଡର-ଗାଭାସ୍କର ଟ୍ରଫିରେ କମିନ୍ସ ଗୋଇଠି ଜନିତ ସମସ୍ୟାରେ ପଡ଼ିଥିଲେ। ଏଥିପାଇଁ ସେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଓ ଦିନିକିଆ। ସିରିଜରେ ନଜର ଆସି ନଥିଲେ। ମିଚେଲ ଷ୍ଟାର୍କ(ଅଷ୍ଟ୍ରେଲିଆ): କଙ୍ଗାରୁ ଟିମର ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ବ୍ୟକ୍ତିଗତ କାରଣ ପାଇଁ ଚାମ୍ପିୟନ୍ସ ଟ୍ରଫିରୁ ନିଜ ନାଁ ପ୍ରତ୍ୟାହାର ନେଇଛନ୍ତି। ଅଷ୍ଟ୍ରେଲିଆ ଟିମର ପ୍ରମୁଖ ସଦସ୍ୟ ଷ୍ଟାର୍କ ଦିନିକିଆ ବିଶ୍ୱକପରେ ଦମଦାର ପ୍ରଦର୍ଶନ କରିଥିଲେ। ଭାରତ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ବି ସେ ନିଜର ଜଲୱା ଦେଖାଇଥିଲେ। କିନ୍ତୁ ଏବେ ସେ ହଠାତ ଚାମ୍ପିୟନ୍ସ ଟ୍ରଫିରୁ ଓହରି ଯାଇଛନ୍ତି। ଜୋଶ ହାଜେଲଉଡ (ଅଷ୍ଟ୍ରେଲିଆ): ଭାରତ ବିପକ୍ଷ ଟେଷ୍ଟ ସମୟରେ ହାଜେଲଉଡ୍ ହିପ୍ ସମସ୍ୟାରେ ପଡ଼ିଥିଲେ। ଏଥିପାଇଁ ତାଙ୍କୁ ଦୀର୍ଘ ଦିନ ଧରି ରିହ୍ୟାବ କରିବାକୁ ପଡ଼ିଥିଲା। ସେ ଏଥିରୁ ମୁକୁଳିବାକୁ ଚେଷ୍ଟା କରିବେ ବେଳେ ମାଂସପେଶୀ ଜନିତ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତେଣୁ ସେ ଚାମ୍ପିଆନ୍ସ ଟ୍ରଫିରୁ ବାଦ ପଡ଼ିଛନ୍ତି। ମିଚେଲ ମାର୍ଶ(ଅଷ୍ଟ୍ରେଲିଆ): ଲୋୟର ବ୍ୟାକ ପେନ୍ ଯୋଗୁ ଅଲରାଉଣ୍ଡର ମିଚେଲ ମାର୍ଶ ବେଶ କିଛି ମାସ ହେଲାଣି ଅଷ୍ଟ୍ରେଲିଆ ଟିମରୁ ଦୂରରେ ରହିଛନ୍ତି।

# ପାକିସ୍ତାନରେ 'କୋହଲି ଜିନ୍ଦାବାଦ' ସ୍ଲୋଗାନ




**ନୂଆଦିଲ୍ଲୀ,୧୫।୨:** ୨୦୨୫ ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନ ଆୟୋଜକତାରେ ଖେଳାଯିବ। କେବଳ ଟିମ ଇଣ୍ଡିଆ ଦୁବାଇରେ ଏହାର ମ୍ୟାଚ ଖେଳିବ। ଭାରତୀୟ ଦଳ ଟୁର୍ନାମେ ପାଇଁ ପାକିସ୍ତାନ ଗସ୍ତ କରିବାକୁ ମନା କରିଦେଇଥିଲା। ଅନେକ ପାକିସ୍ତାନୀ ପ୍ରଶଂସକ ସେଠାରେ ବିରାଟ କୋହଲିଙ୍କୁ ଖେଳୁଥିବା ଦେଖିବାକୁ ଚାହୁଁଥିଲେ, କିନ୍ତୁ ତାହା ହୋଇପାରିଲା ନାହିଁ। ଏବେ ସାମ୍ନାକୁ ଆସିଥିବା ଏକ ଭିଡିଓରେ, ପାକିସ୍ତାନ ଭିତରେ ପ୍ରଶଂସକମାନେ 'ବିରାଟ କୋହଲି ଜିନ୍ଦାବାଦ' ସ୍ଲୋଗାନ ଦେଉଥିବାର ଦେଖାଯାଉଛି। ଏହା ବ୍ୟତୀତ ପାକ ପ୍ରଶଂସକମାନେ 'ଆରସିବି-ଆରସିବି' ସ୍ଲୋଗାନ ମଧ୍ୟ ଦେଇଥିଲେ। ଭିଡିଓରେ ଦେଖାଯାଉଛି ଯେ ଅନେକ ଲୋକ ଏକାଠି ହୋଇଛନ୍ତି, ସେମାନଙ୍କ ସହିତ ଜଣେ ରିପୋର୍ଟର ମଧ୍ୟ ଉପସ୍ଥିତ ଅଛନ୍ତି। ସମବେତ ପ୍ରଶଂସକମାନେ ହଠାତ ବିରାଟ କୋହଲିଙ୍କ ନାମରେ ସ୍ଲୋଗାନ ଦେବା ଆରମ୍ଭ କରିଦିଅନ୍ତି। ଜଣେ ପ୍ରଶଂସକ 'ବିରାଟ କୋହଲି ଜିନ୍ଦାବାଦ' ସ୍ଲୋଗାନ ମଧ୍ୟ ଦେଉଛନ୍ତି। ଏହା ବ୍ୟତୀତ ସେଠାରେ ଉପସ୍ଥିତ ସମସ୍ତ ପ୍ରଶଂସକ 'ଆରସିବି-ଆରସିବି' ସ୍ଲୋଗାନ ଦିଅନ୍ତି। ଏହି ସମୟରେ, କିଛି ପ୍ରଶଂସକ ବାବର ଆଜମଙ୍କ ବିଷୟରେ ମଧ୍ୟ କଥା ହେବାକୁ ଚେଷ୍ଟା କରନ୍ତି, କିନ୍ତୁ କୋହଲିଙ୍କ ନାମର ଜୋରଦାର ସ୍ଲୋଗାନଠାରୁ ବାବର ଆଜମଙ୍କ ନାମ ଶୁଣିବାକୁ ମିଳୁନି। ଏହି ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ଡବ୍ଲ୍ୟୁପିଏଲର ପ୍ରଥମ ମ୍ୟାଚରେ ଭାଙ୍ଗିଲା ଇତିହାସର ସବୁଠୁ ବଡ଼ ରେକର୍ଡ

**ବେଙ୍ଗାଲୁରୁ,୧୫।୨:** ମହିଳା ପ୍ରିମିୟର ଲିଗ ୨୦୨୫ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ହିଁ ଅନେକ ରେକର୍ଡ ଭାଙ୍ଗିଛି। ସିଜିନର ପ୍ରଥମ ମ୍ୟାଚ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ଏବଂ ଗୁଜରାଟ ଜାଏଣ୍ଟସ୍ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୨୦୧ ରନ କରିଥିଲା। ଜବାବରେ ଆରସିବି ୧୮.୩ ଓଭରରେ ଲକ୍ଷ୍ୟ ହାସଲ କରିଥିଲା। ଆରସିବି ହିରୋ ରିଚ୍ଚ ଘୋଷ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ଅପରାଜିତ ଅର୍ଦ୍ଧଶତକ ହାସଲ କରିଥିଲେ।

ଗୁଜରାଟ ପାଇଁ ଅଧିନାୟକ ଆଶଲି ଗାର୍ଡନର ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୩୭ ବଲରେ ଅପରାଜିତ ୭୯ ରନ କରିଥିଲେ। ସେ ୩ଟି ଚୌକା ଏବଂ ୮ଟି ଛକା ମାରିଥିଲେ। ବେଥ ମୁନି ୫୬ ରନର ଇନିଂସ ଖେଳିଥିଲେ। ଏହିପରି ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୨୦୧ ରନ କରିଥିଲା। ଜବାବରେ ବେଙ୍ଗାଲୁରୁ ୪ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିଥିଲା। ଏହି ମ୍ୟାଚରେ ମୋଟ ୪୦୩ ରନ ହୋଇଥିଲା। ଏହା ମହିଳା ପ୍ରିମିୟର ଲିଗ ଇତିହାସରେ ଏକ ମ୍ୟାଚରେ ସର୍ବାଧିକ ମୋଟ ସ୍କୋର।



ରେକର୍ଡ ଦୃଷ୍ଟିରୁ ଏହି ମ୍ୟାଚ ବହୁତ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇଥିଲା। ମହିଳା ପ୍ରିମିୟର ଲିଗ ଇତିହାସରେ ଆରସିବି ସର୍ବାଧିକ ସ୍କୋର ପିଛା କରିଛି। ଆରସିବିକୁ ଜିତିବା ପାଇଁ ୨୦୨ ରନ କରିବାକୁ ପଡିଥିଲା। ଆରସିବି ସହଜରେ ଏହି ସଫଳତା ହାସଲ କରିଥିଲା। ପୂର୍ବରୁ, ୨୦୨୪ରେ ମୁମ୍ବାଇ ଏବଂ ଗୁଜରାଟ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ୧୯୧ ରନ ପିଛା କରାଯାଇଥିଲା। ଏହି ମ୍ୟାଚରେ ଏକ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରୀ ରେକର୍ଡ ମଧ୍ୟ ସୃଷ୍ଟି ହୋଇଥିଲା। ଆରସିବିର ରିଚ୍ଚ ଘୋଷ ଏବଂ କେଏସ ଆହୁଜାଙ୍କ ମଧ୍ୟରେ ୯୩ ରନର ଭାଗୀଦାରି ହୋଇଥିଲା। ଆରସିବି ଖେଳାଳି ରିଚ୍ଚ ଘୋଷ ଏକ ବିସ୍ଫୋରକ ଇନିଂସ ଖେଳିଥିଲେ। ସେ ୨୭ଟି ବଲ ସାମ୍ନା କରି ଅପରାଜିତ ୬୪ ରନ କରିଥିଲେ। ସେ ୭ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ସେହିପରି କନିକା ଆହୁଜା ୧୩ ବଲରେ ୩୦ ରନ କରି ଅପରାଜିତ ରହିଥିଲେ। ତାଙ୍କ ଇନିଂସରେ ୪ଟି ଚୌକା ସାମିଲ ଥିଲା। ଦଳ ପକ୍ଷରୁ ଆଲିସ ପେରି ୩୪ ବଲରେ ୫୭ ରନ କରିଥିଲେ। ସେ ୬ଟି ଚୌକା ଏବଂ ୨ଟି ଛକା ମାରିଥିଲେ।

# ଯଶସ୍ୱୀ ଜୟସ୍ୱାଲଙ୍କ ସହିତ ହର୍ବାଲାଇଫ ଇଣ୍ଡିଆର ସହଭାଗୀତା

**ନୂଆଦିଲ୍ଲୀ,୧୫।୨:** ହର୍ବାଲାଇଫ ଇଣ୍ଡିଆ, ଯାହାକି ଏକ ପ୍ରିମିୟର ସ୍ୱାସ୍ଥ୍ୟ ଏବଂ ନିରୋଗ ପ୍ରଦାନକାରୀ କମ୍ପାନୀ, ଗୋଷ୍ଠୀ ଏବଂ ପ୍ଲାଟଫର୍ମ ଅଟେ, ଅତି ଗର୍ବର ସହିତ ଉଦୀୟମାନ କ୍ରିକେଟ ତାରକା ଯଶସ୍ୱୀ ଜୟସ୍ୱାଲଙ୍କ ସହିତ ଏହାର ସହଭାଗୀତାର ଘୋଷଣା କରୁଅଛି। ହର୍ବାଲାଇଫ ଇଣ୍ଡିଆର ଏହି ସହଭାଗୀତା ଭାରତରେ ପ୍ରିମିୟମ ଖେଳକୁଦ ପୌଷ୍ଟିକତା ଜରିଆରେ ଏହାର ବଚନ ବଦ୍ଧତାକୁ ନେଇ ଖେଳକୁଦ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ନେଇପାରିଛି।

ବର୍ଷବର୍ଷ ଧରି ହର୍ବାଲାଇଫ ନିରବଚ୍ଛିନ୍ନ ଏବଂ ସ୍ଥିର ଭାବରେ ଉଚ୍ଚମାନର ଖେଳାଳୀମାନଙ୍କୁ ପୌଷ୍ଟିକତାରେ ଭରା ଉପକରଣ ଯାହାକି ଏକ ଚିରସ୍ମରଣୀୟ ସଫଳତା ପାଇଁ ନିହାତି ଆବଶ୍ୟକ ତାହା ଯୋଗାଇବା ସହିତ ସେମାନଙ୍କୁ ପ୍ରୋତ୍ସାହିତ କରିଆସୁଅଛି। ଖେଳକୁଦର ଶକ୍ତି ଭିତରେ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ତଥା ଗୋଷ୍ଠୀଗତ ଏକତ୍ରିକରଣ ପାଇଁ ଜୟସ୍ୱାଲଙ୍କ ସହିତ ସହଭାଗୀତା ହର୍ବାଲାଇଫର ବିଶ୍ୱାସତା ଉପରେ ଆଲୋକପାତ କରିଛି।

ଉତରପ୍ରଦେଶର ଏକ ଛୋଟ ସହରରୁ ଜୟସ୍ୱାଲଙ୍କ ପ୍ରେରଣାଦାୟକ ଯାତ୍ରା ଆରମ୍ଭ ହୋଇ ଭାରତୀୟ ଜାତୀୟ କ୍ରିକେଟ ଦଳ ପର୍ଯ୍ୟନ୍ତ ବାସ୍ତବରେ ଏହା ତାର ଏକ ସ୍ଥିରତା ଏବଂ ଉତ୍ସର୍ଗୀକୃତତାର ଜ୍ୱଳନ୍ତ ଦସ୍ତାବିଜ। ୧୦ ବର୍ଷ ବୟସରଙ୍କ କ୍ରିକେଟ କ୍ୟାରୀୟର ଆରମ୍ଭ କରିଥିବା ଏହି ଯୁବ ପ୍ରତିଭା ବିଭିନ୍ନ ପ୍ରକାରର ଆହ୍ୱାନ ସମ୍ମୁଖୀନ ହୋଇଛନ୍ତି ଯାହାକି ତାଙ୍କୁ ଆଶାୟୀ କ୍ରିକେଟର ମାନଙ୍କ ପାଇଁ ଏକ ରୋଡ଼ ମଡ଼େଲ ଭାବରେ ଗଢ଼ି ତୋଳି ପାରିଛି। ପ୍ରକୃତରେ ଏହି ସହଭାଗୀତା। ଖେଳକୁଦ ବ୍ୟବହାରକାରୀତାର ସେହି ଦୂରଦୃଷ୍ଟିତାକୁ ବାଂଟିବା ସହିତ ଏକ ସକାରାତ୍ମକ ପରିବର୍ତନକୁ ଉତ୍ସାହିତ କରିଛି। ଅଜୟ ଖାନ୍ନା, ପରିଚାଳନା ନିର୍ଦ୍ଦେଶକ, ହର୍ବାଲାଇଫ ଇଣ୍ଡିଆ, ମତବ୍ୟକ୍ତ କରି କହିଛନ୍ତି, "ଯଶସ୍ୱୀ ଜୟସ୍ୱାଲଙ୍କ ସହିତ ସହଭାଗୀତାକୁ ଆମେ ଅତି ଉତ୍ସୁକତାର ସହିତ ଅପେକ୍ଷା କରିଛୁ ଯେ କି ପ୍ରକୃତରେ ନିଜର ଅଧ୍ୟବସାୟ, କଠିନ ପରିଶ୍ରମ ତଥା ଦକ୍ଷତାର ସଠିକ୍ ପ୍ରତିନିଧିତ୍ୱ କରିପାରିଛନ୍ତି। ତାଙ୍କ ଜୟଯାତ୍ରା ନିଶ୍ଚିତ ଭାବରେ ହର୍ବାଲାଇଫ ପ୍ରତି ରହିଥିବା ମୂଲ୍ୟବୋଧକୁ ପ୍ରଦର୍ଶିତ କରିପାରିଛି। ଭାରତରେ ଆମେ ଏହାର ୨୫ତମ ସ୍ୱନକ୍ଷତ୍ର ଦିବସ ପାଳନ କରୁଥିବା ଅବସରରେ, ଏହି ଜୟଯାତ୍ରା ଆମର ବିକାଶ ତଥା ସଶକ୍ତିକରଣର ସଫଳତାକୁ ଖେଳକୁଦ ମାଧ୍ୟମରେ ସବୁଠାରୁ ଉଚ୍ଚମାନର ଦକ୍ଷତା ପ୍ରତିପାଦିତ କରିପାରିଛି। ଯଶସ୍ୱୀଙ୍କ ସହିତ ମିଳିତ ଭାବରେ, ଆମର ଲକ୍ଷ୍ୟ ସେହି ଯୁବ କ୍ରୀଡ଼ାବିତ୍ ମାନଙ୍କୁ ସାରା ଭାରତରେ ପ୍ରେରଣା ପ୍ରଦାନ କରିବା ସହିତ ସେମାନଙ୍କ ସ୍ୱପ୍ନକୁ ସାକାର ତଥା ସ୍ୱାସ୍ଥ୍ୟକୁ ଅଧିକ ପ୍ରାଧାନ୍ୟ ଦେବା।"

ଯଶସ୍ୱୀ ଜୟସ୍ୱାଲ କହିଛନ୍ତି, "ମୁଁ ଅତି ଉତ୍କଣ୍ଠାର ସହିତ ହର୍ବାଲାଇଫ ପୌଷ୍ଟିକତା ଏବଂ ନିରୋଗ ପ୍ରଦାନକାରୀତାର ଯାତ୍ରାରେ ଏକ ଅଂଶବିଶେଷ ହେବା ପାଇଁ ଚାହିଁ ରହିଛି। ସଠିକ୍ ପୌଷ୍ଟିକତାର ଗ୍ରହଣୀୟତା ଖେଳାଳୀମାନଙ୍କୁ ଉଚ୍ଚ ମାନର କାର୍ଯ୍ୟ ଦକ୍ଷତା ତଥା ଶକ୍ତି ପ୍ରଦର୍ଶନ ପାଇଁ ବିଶେଷ ଭାବରେ ସହାୟକ ହୋଇଥାଏ ଏବଂ ମୁଁ ଏଥିପାଇଁ ଚାତକ ଭଳି ହର୍ବାଲାଇଫ ସହିତ ସହଭାଗୀତା ପାଇଁ ଚାହିଁ ରହିଛି। ସେମାନେ କେବଳ ପୌଷ୍ଟିକତାର ସହାୟତା ନୁହେଁ ମୋଟାମୋଟି ଭାବରେ ନିରୋଗତାର ପ୍ରୋତ୍ସାହନ ମଧ୍ୟ ଯୋଗାଇଥାନ୍ତି। ସମଗ୍ର ବିଶ୍ୱରେ ହର୍ବାଲାଇଫ ୧୫୦ରୁ ଅଧିକ ଖେଳାଳୀ, ଦଳ ତଥା ଲିଗ୍ ମାନଙ୍କୁ ପ୍ରାୟୋଜିତ କରିବା ସହିତ ସେମାନଙ୍କୁ ଖେଳକୁଦର ପୌଷ୍ଟିକତାଭରା ମାନକ ତଥା ସାମଗ୍ରୀ ଏବଂ ପ୍ରଶିକ୍ଷଣ ସମୟରେ ସବୁ ସ୍ତରରେ ଏହାର ସମ୍ପୂର୍ଣ୍ଣତା ପାଇଁ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରିଥାନ୍ତି।

# ଜାତୀୟ କ୍ରୀଡାରେ ୪୬ ପଦକ ସହ ୧୧ନଂ ସ୍ଥାନରେ ଓଡ଼ିଶା

**ଭୁବନେଶ୍ୱର,୧୫।୨:** ଉତ୍ତରାଖଣ୍ଡରେ ଆୟୋଜିତ ୩୮ତମ ଜାତୀୟ କ୍ରୀଡ଼ା ଶୁକ୍ରବାର ଉଦ୍ୟାପିତ ହୋଇଛି। ଏଥିରେ ଓଡ଼ିଶା ୧୪ ସ୍ୱର୍ଣ୍ଣ, ୧୫ ରେପ୍ୟ ଓ ୧୭ କାଂସ୍ୟ ସହ ମୋଟ ୪୬ ପଦକ ସହ ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏହା ଗତ ସଂସ୍କରଣଗୁଡ଼ିକ ଅପେକ୍ଷା ଓଡ଼ିଶାର ଶ୍ରେଷ୍ଠ ସଫଳତା। ଗତ ସଂସ୍କରଣରେ ଓଡ଼ିଶା ୫୮ (୧୦ ସ୍ୱର୍ଣ୍ଣ, ୧୮ ରେପ୍ୟ, ୩୦ କାଂସ୍ୟ) ପଦକ ପାଇ ଷୋଡ଼ଶ ସ୍ଥାନରେ ଥିଲା। ଚଳିତ ବର୍ଷ ପଦକ ସଂଖ୍ୟା କମିଥିଲେ ମଧ୍ୟ ସ୍ୱର୍ଣ୍ଣ ବିଥିବାରୁ ଓଡ଼ିଶା ଦ୍ୱାଦଶ ସ୍ଥାନରେ ଅଭିଯାନ ଶେଷ କରିଛି। ସର୍ଭିସେସ୍ ୧୨୧ (୬୮ ସ୍ୱର୍ଣ୍ଣ, ୨୬ ରେପ୍ୟ, ୨୭ କାଂସ୍ୟ) ପଦକ ଶୀର୍ଷରେ ରହିଥିଲା। ସର୍ଭିସେସ୍ ମହାରାଷ୍ଟ୍ର (୨୦୧ ପଦକ, ୫୪ ସ୍ୱର୍ଣ୍ଣ, ୭୧ ରେପ୍ୟ, ୭୬ କାଂସ୍ୟ) ଏବଂ ହରିୟାଣା ୧୫୩ (୪୮ ସ୍ୱର୍ଣ୍ଣ, ୪୭ ରୌପ୍ୟ, ୫୮ କାଂସ୍ୟ) ଅଧିକ ପଦକ ପାଇଥିଲେ ମଧ୍ୟ ସ୍ୱର୍ଣ୍ଣରେ ପଛରେ ପଡ଼ି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶାକୁ ସର୍ବାଧିକ ୭ ପଦକ ଜିମ୍ନାଷ୍ଟିକ୍ସରୁ ଆସିଥିଲା। ଏଥିରେ ୩ ସ୍ୱର୍ଣ୍ଣ ଏବଂ ୨ ଲେଖାଏଁ ରେପ୍ୟ ଓ କାଂସ୍ୟ ରହିଥିଲା। ଏହା ପଛକୁ ସାଇକ୍ଲିଂ (୧ ସ୍ୱର୍ଣ୍ଣ, ୨ ରେପ୍ୟ, ୩ କାଂସ୍ୟ) ଏବଂ କାନୋଇଂ-କାୟାକିଂ (୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୪ କାଂସ୍ୟ)ରୁ ୬ ଲେଖାଏଁ ପଦକ ମିଳିଥିଲା। ଓଡ଼ିଶାର ସ୍ପ୍ରିଣ୍ଟର ଅନିମେଶ କୁଜୁର ୩ ସ୍ୱର୍ଣ୍ଣ (୧୦୦ ମିଟର ରିଲେ, ୧୦୦ ଓ ୨୦୦ ମିଟର ଦୌଡ଼)ରେ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ତାଙ୍କ ପଛକୁ ଜିମ୍ନାଷ୍ଟ ରାକେଶ ପାତ୍ର ୨ ସ୍ୱର୍ଣ୍ଣ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଓଡ଼ିଶା ସରକାର ରାଜ୍ୟ ଦଳର ସ୍ୱର୍ଣ୍ଣ ବିଜେତାଙ୍କୁ ୬ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୪ ଲକ୍ଷ ଏବଂ କାଂସ୍ୟ ବିଜେତାଙ୍କ ଲାଗି ୩ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଛନ୍ତି। ହଲ୍ଦୱାନୀ ଷ୍ଟାଡିୟମରେ ଆୟୋଜିତ ରଙ୍ଗାରଙ୍ଗ ଉଦ୍ୟାପନୀ ଉତ୍ସବରେ ଅତିଥି ଭାବେ ଗୃହମନ୍ତ୍ରୀ ଅମିତ ଶାହ, ମେଘାଳ। ମୁଖ୍ୟମନ୍ତ୍ରୀ କୋନାରଡ ସାଙ୍ଗ୍ମା, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀ।, ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ସଭାପତି ପିଟି ଉଷା, କିଂବଦନ୍ତି ମୁଷ୍ଟିଯୋଦ୍ଧା ଏମ୍ସି ମେରିକମ୍ ଓ ଅଲିମ୍ପିକ୍ ପଦକ ବିଜେତା ସୁଟର ଗଗନ ନାରଙ୍ଗଙ୍କ ସହ ଉତ୍ତରାଖଣ୍ଡ ସରକାରଙ୍କ ଅନେକ ମନ୍ତ୍ରୀ, ଅଧିକାରୀ ଯୋଗ ଦେଇଥିଲେ।

# ମାଷ୍ଟର୍ସ ଲିଗ୍ ଲାଗି ସଚିନଙ୍କ ସଜବାଜ




**ମୁମ୍ବାଇ,୧୫।୨:** ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ପୁଣି ଥରେ ଭାରତୀୟ ଜର୍ସି ପିନ୍ଧିବେ। ତାଙ୍କ ସହ ଶ୍ରୀଲଙ୍କାର ପୂର୍ବତନ ୱିକେଟରକ୍ଷକ କୁମାର ସାଙ୍ଗାକାରା ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବେ। ଉଭୟ ଅନ୍ତର୍ଜାତୀୟ ମାଷ୍ଟର୍ସ ଲିଗର ପ୍ରଥମ ସଂସ୍କରଣରେ ଯଥାକ୍ରମେ ଭାରତ ଓ ଶ୍ରୀଲଙ୍କା ଦଳର ନେତୃତ୍ୱ ନେବେ। ଏହି ପ୍ରତିଯୋଗିତା ଚଳିତମାସ ୨୨ ତାରିଖରୁ ମାର୍ଚ୍ଚ ୧୬ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ, ବଡ଼ୋଦରା ଓ ରାୟପୁରରେ ଖେଳାଯିବ। ଭାରତୀୟ ମାଷ୍ଟର୍ସ ଦଳରେ ସଚିନଙ୍କ ସହ ବିଶ୍ୱକପ୍ ବିଜୟୀ ଯୁବରାଜ ସିଂହ, ସୁରେଶ ରାଇନା, ପୂର୍ବତନ ଅଲରାଉଣ୍ଡର୍ ଇର୍ଫାନ୍ ପଠାନ, ଅମ୍ବାତି ରାୟୁଡୁଙ୍କ ଭଳି ଖେଳାଳିଙ୍କୁ ଦେଖିବାକୁ ମିଳିବ। ସଚିନ ଏଥିନେଇ ଅଭ୍ୟାସ ଆରମ୍ଭ କରି ସାରିଲେଣି। ଶୁକ୍ରବାର ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମାଷ୍ଟର୍ସ ଲିଗର ଉଦଘାଟନୀ ସଂସ୍କରଣକୁ ନେଇ ସେ କହିଛନ୍ତି, ଅନ୍ତର୍ଜାତୀୟ ମାଷ୍ଟର୍ସ ଲିଗ୍ର ପ୍ରଥମ ସଂସ୍କରଣରେ ଭାରତୀୟ ମାଷ୍ଟର୍ସ ଦଳର ଅଧିନାୟକ ନିଯୁକ୍ତ ହୋଇ ମୁଁ ବେଶ୍ ଉଲ୍ଲସିତ।

# ଥମସ ଅପ୍‌ର 'ଦମ୍ ହେ ତୋହ ଦିଖା' ଅଭିଯାନରେ ଶାହାରୁଖ ଏବଂ ଆଲ୍ଲୁ ଅର୍ଜୁନ

**ନୂଆଦିଲ୍ଲୀ,୧୫।୨:** ଥମସ ଅପ, କୋକା-କୋଲା ଭାରତର ବିଲିୟନ ଡ଼ଲାର ଆଇକନିକ୍ ଘରୋଇ ବୃଦ୍ଧି ପ୍ରାପ୍ତ ବ୍ରାଣ୍ଡର ତଥା ଏହାର ଅଧୁନତମ ଅଭିଯାନ 'ଦମ ହେ ତୋହ ଦିଖା'ର ଶୁଭାରମ୍ଭ କରିଛି ଯାହାକି ଯୁବଗୋଷ୍ଠୀଙ୍କ ପାଇଁ ଏକ ଦୃଢ଼ ଡ଼ାକରା ଯେଉଁମାନେ କି ମହତ୍ୱପୂର୍ଣ୍ଣତା ପାଇଁ ଚେଷ୍ଟା କରନ୍ତି ଏବଂ ଆହ୍ୱାନକୁ ନେଇ ଉନ୍ନତି କରିବା ପାଇଁ ଆଗେଇଥାନ୍ତି। ବ୍ରାଣ୍ଡ ଦୁଇଜଣ ନାମିଦାମୀ କିମ୍ବଦନ୍ତି ଚଳଚ୍ଚିତ୍ର ଅଭିନେତା ଶାହାରୁଖ ଖାଁ ଏବଂ ଆଲ୍ଲୁ ଅର୍ଜୁନଙ୍କୁ ଏଥିପାଇଁ ଆଣିଛନ୍ତି ଏହାର ଶକ୍ତିବର୍ଦ୍ଧିତ ଏହି ଅଭିଯାନକୁ ଆହୁରି ଆଲୋକିତ କରିବା ପାଇଁ।'ଦମ ହେ ତୋହ ଦିଖା'ର ସେହି ସାରମର୍ମକୁ ଅଧିକ ଜୀବନ୍ତ ପ୍ରାଣସ୍ପର୍ଶୀ କରିବା ପାଇଁ ଉଭୟ ଆଇକନିକ୍ ଯୋଡ଼ି, ଏଥିରେ ଭରି ଦେଇଛନ୍ତି କିଛି ନିରନ୍ତର ପ୍ରୟାସ ଯାହାକି ଥମସ ଅପର ସେହି ସିଗ୍ନେଟୋରୀ ପ୍ରତିଫଳନକୁ ଆହୁରି ଅଧିକ ତୀବ୍ର କରିପାରିଛି। ଦଶନ୍ଧି ଧରି ଥମସ ଅପର ଏହି ଅନାବଶ୍ୟକୀୟ ଦୃଢ଼ ଅମଳିନ ଛବି ତଥା ସ୍ଥିରତା ଏହାକୁ ଏକ ପ୍ରତୀକ ଭାବରେ ଠିଆ କରାଇପାରିଛି ଯାହା ସହିତ ରହିଛି ସ୍ୱାଦର ଦୃଢ଼ତା ତଥା ନିର୍ଭୁଲ ଉନ୍ମାଦନତା ଯାହାକି ସେହିମାନଙ୍କ ପସନ୍ଦର ପରିଧିକୁ ଆସିଥାଏ ଯେଉଁମାନେ କେବଳ ଏହାକୁ ଗ୍ରହଣ କରିଥାନ୍ତି। ମୃଦୁପାନୀୟଠାରୁ ଆହୁରି ଦୁଇପାଦ ଆଗକୁ ଯାଇ ଥମସ ଅପ ସେହି ମାନଙ୍କୁ ସାଥୀ ଦେଇଥାଏ ଯେଉଁମାନେ ଆଉ କେବେ ପଛକୁ ଫେରି ନଥାନ୍ତି। 'ଦମ ହେ ତୋହ ଦିଖା' ସହିତ ବ୍ରାଣ୍ଡ ଏହାର ପାରମ୍ପରିକତାକୁ ଜାରି ରଖିବା ସହିତ ଆଜିର ପିଢ଼ୀଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଦୃଢ଼ତାର ସହିତ ଏଥିରେ ପାଦ ଥାପିବା ସହିତ ସେହି ମୁହୂର୍ତରେ ନିଜକୁ ହଜାଇ ଦେଇଛି। ସୁମେଲୀ ଚାଟାର୍ଜୀ, କାଟେଗରୀ ମୁଖ୍ୟ – ସ୍ପାର୍କଲିଙ୍ଗ ଫ୍ଲେଭର, କୋକା-କୋଲା ଇଣ୍ଡିଆ ଏବଂ ସାଉଥୱେଷ୍ଟ ଏସିଅ,କହିଛନ୍ତି, "ଯେଉଁମାନେ ଆହ୍ୱାନକୁ ନେଇ ଆଗକୁ ବଢ଼ିଥାନ୍ତି ଥମସ ଅପ କ୍ରମାଗତ ଭାବରେ ସେମାନଙ୍କ ପାଇଁ ଚମ୍ପିୟନ ହେବା ସହିତ କାର୍ଯ୍ୟକଳାପ ମାଧ୍ୟମରେ ସେମାନଙ୍କର ସମସ୍ୟା ସମାଧାନ ପ୍ରଦର୍ଶିତ କରିଥାଏ। 'ଦମ ହେ ତୋହ ଦିଖା'ର ଏହି ନୂତନ ଅଭିଯାନ ଧାରା ଉପରେ ଦୃଢ଼ତା ପ୍ରତିଷ୍ଠା କରିବା ସହିତ ଯୁବବର୍ଗଙ୍କୁ ଏହାକୁ ପାଥେୟ କରି ଆଗକୁ ବଢ଼ିବା ସହିତ ସେମାନେ କଣ ତିଆରି କରିପାରିବେ ସମଗ୍ର ଜଗତକୁ ଏହା ଦେଖାଇବାକୁ ସକ୍ଷମ ହେବା ଆବଶ୍ୟକ।

# ଟିମ୍ ଇଣ୍ଡିଆ ସହ ଗଲେନି ପରିବାର

**ମୁମ୍ବାଇ,୧୫।୨:** ଭାରତୀୟ କ୍ରିକେଟ ଦଳ ଶନିବାର ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଦୁବାଇ ଗସ୍ତ କରିଛି। ଟିମ ଇଣ୍ଡିଆର ମୁଖ୍ୟ କୋଚ ଗୌତମ ଗମ୍ଭୀର ଏବଂ ଅଧିନାୟକ ରୋହିତ ଶର୍ମାଙ୍କ ସମେତ କିଛି ଖେଳାଳି ମୁମ୍ବାଇରୁ ଯାଇଛନ୍ତି। ଟିମ ଇଣ୍ଡିଆ। ଦୁଇଟି ଭାଗରେ ଦୁବାଇ ପହଞ୍ଚିବ। ଦଳର ଦ୍ୱିତୀୟ ବ୍ୟାଚ ମଧ୍ୟ ଖୁବ୍‌ଶୀଘ୍ର ଯିବ। ଭାରତର ପ୍ରଥମ ମ୍ୟାଚ ବାଂଲାଦେଶ ସହିତ ୨୦ ଫେବୃଆରୀରେ ଖେଳାଯିବ। ମୁଖ୍ୟ କୋଚ ଗମ୍ଭୀର, ଅଧିନାୟକ ରୋହିତ, ବିରାଟ କୋହଲି, ୱାଶିଂଟନ ସୁନ୍ଦର, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଶୁଭମନ ଗିଲ ଶ୍ରେୟସ ଆୟର ଏବଂ ଅକ୍ଷର ପଟେଲଙ୍କୁ ମୁମ୍ବାଇ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା। ଏହି ସମସ୍ତ ଖେଳାଳି ଟିମ ଇଣ୍ଡିଆର ପ୍ରଥମ ବ୍ୟାଚର ଅଂଶ ଅଛନ୍ତି। ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପରେ ଏବେ ଟିମ ଇଣ୍ଡିଆକୁ ଚାମ୍ପିଅନ୍ସ ଟ୍ରଫିରେ ତାର ଶକ୍ତି ପ୍ରଦର୍ଶନ କରିବାକୁ ପଡିବ। ଚାମ୍ପିଅନ୍ସ ଟ୍ରଫି ଫେବୃଆରୀ ୧୯ରୁ ଆରମ୍ଭ ହେଉଛି। ଭାରତୀୟ ଦଳ ଫେବୃଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ। ଟିମ ଇଣ୍ଡିଆର ସମସ୍ତ ମ୍ୟାଚ ଦୁବାଇରେ ଅନୁଷ୍ଠିତ ହେବ। ତେବେ ଏଥର ଟିମ୍ ଇଣ୍ଡିଆର ଖେଳାଳିମାନେ ପରିବାରବର୍ଗଙ୍କୁ ସାଥିରେ ନେଉ ନାହିଁ। ବିସିସିଆଇର ନୂତନ ନିୟମ ଯୋଗୁ ଏହା ଘଟିଛି। ବିସିସିଆଇର ନୂତନ ନିୟମ ଅନୁଯାୟୀ, ଯଦି ଟିମ ଇଣ୍ଡିଆର କୌଣସି ଗସ୍ତ ୪୫ ଦିନ କିମ୍ବା ତା'ଠାରୁ ଅଧିକ ସମୟର ହୋଇଥାଏ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ